ରବିବାର

ସକାଳ
THE SAKALA

# ସିନ୍ଧୁରା

୧୫-୨୧ ମାର୍ଚ୍ଚ , ୨୦୨୬

- ଅସଂପୂର୍ଣ୍ଣ ରୂପାନ୍ତରୀକରଣ
- ପୁରୀର ଅଧାଗଢ଼ା ପ୍ରକଳ୍ପ
- ବଲାଙ୍ଗିରରେ ଧିମେଇଛି ମନ୍ଦିର ପ୍ରକଳ୍ପ
- ବାସ୍ତବ ରୂପ ଅପେକ୍ଷାରେ
- ସରିଲାଣି ସମୟ ଅବଧି, ସରୁନି କାମ





## ଅସଂପୂର୍ଣ୍ଣ ରୂପାନ୍ତର



ଓଡ଼ିଶା ବିକାଶର ବିନ୍ଧାଣି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବୀନ ସରକାର ସମୟରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ବିକାଶର ଶିଖରକୁ ଛୁଇଁଥିଲା । ୨୪ ବର୍ଷର ଶାସନ କାଳରେ ଓଡ଼ିଶାକୁ ସ୍ୱଚ୍ଛ ଓ ସ୍ଥିର ଶାସନ ଦେବାରେ ପ୍ରତିଶ୍ରୁତିବଦ୍ଧ ଥିଲେ ତତ୍କାଳୀନ ନବୀନ ସରକାର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କୃଷି, ଗମନାଗମନ, ଖଣି ପରିଚାଳନା, ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ପରିଚୟ ଲାଭ କରିଥିଲା । ରାଜ୍ୟ ସରକାର ପ୍ରତିଟି କାର୍ଯ୍ୟକୁ ଜନଭାଗୀଦାରିରେ ସାମିଲ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଅତ୍ୟନ୍ତ ପ୍ରଶଂସନୀୟ । ପ୍ରତିଟି କ୍ଷେତ୍ରରେ ରାଜ୍ୟର ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ '୫-ଟି' ଓ 'ମୋ ସରକାର' ଆରମ୍ଭ କରିଥିଲେ । '୫-ଟି' ଉପକ୍ରମ ଅଧୀନରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଚାଲିଥିଲା ରୂପାନ୍ତରଣ କାର୍ଯ୍ୟ । ସ୍କୁଲ, କଲେଜ, ଧାର୍ମିକ ପୀଠ, ଡାକ୍ତରଖାନାଗୁଡ଼ିକକୁ ରୂପାନ୍ତରଣ କରାଯାଇଥିଲା । ଭକ୍ତମାନଙ୍କ ଭାବାବେଗ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାର ବିଭିନ୍ନ ମନ୍ଦିରଗୁଡ଼ିକର ରୂପାନ୍ତରଣ କାର୍ଯ୍ୟକୁ ଖୁବ୍ ଗୁରୁତ୍ୱ ଦିଆଯାଇଥିଲା । ପୁରୀର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ଠାରୁ ଆରମ୍ଭ କରି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ପାଇଁ ହଜାର ହଜାର କୋଟି କୋଟି ଖର୍ଚ୍ଚ କରାଯାଇଥିଲା । ସାରା ରାଜ୍ୟରେ ବିଭିନ୍ନ ଦେବଦେବୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତମାନଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ନିମନ୍ତେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା । ତେବେ ପରିତାପର ବିଷୟ ସରକାର ପରିବର୍ତ୍ତନ ହେବା ପରେ ରୂପାନ୍ତରଣ କାର୍ଯ୍ୟ ଧିମେଇ ଯାଇଛି । ବର୍ତ୍ତମାନର ବିଜେପି ସରକାର ଅସଂପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି । ଏହାକୁ ନେଇ ସାଧାରଣ ଜନତାଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ପୂର୍ବ ବିଜେଡ଼ି ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ରୂପାନ୍ତରଣ ଯୋଜନାର ଅସଂପୂର୍ଣ୍ଣ ରୂପରେଖକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ଅସଂପୂର୍ଣ୍ଣ ରୂପାନ୍ତର**

ପ୍ରସ୍ତୁତି : 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ଝମେଲା ଦେଖାଦେଇ ପାରେ ।

**ବୃଷ**
ରବି, ସୋମବାରରେ ମହିଳାମାନେ ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇପାରନ୍ତି । ଗୁରୁ ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନିଅନ୍ତୁ । ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅବହେଳା କରିବେ ।

**ମିଥୁନ**
ରବି, ସୋମବାରରେ ଅନେକ ସମସ୍ୟା ସହ ଲଢ଼ି ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ଆୟରେ ଉନ୍ନତି ପାଇଁ ନୂତନ ରାସ୍ତା ପାଇବେ । ବନ୍ଧୁବାନ୍ଧବଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସ୍ୱାଧୀନତାରେ ବାଧା ଉପୁଜିପାରେ । ଗୁରୁତ୍ୱପୂର୍ଣ୍ଣ କାମ ବିଗିଡ଼ି ଯାଇପାରେ ।

**କର୍କଟ**
ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ର, ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**ସିଂହ**
ରବି, ସୋମବାରରେ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ମଙ୍ଗଳ, ବୁଧବାରରେ ଆୟର ନୂତନ ସ୍ରୋତ ଉନ୍ମୋଚନ ହେବ । ଗୁରୁ, ଶୁକ୍ର, ଶନିବାରରେ କଠିନ ପରିଶ୍ରମର ଫଳ ପାଇବେ । ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି ।

**କନ୍ୟା**
ରବି, ସୋମବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ଖବର ପାଇ ଉତ୍ସାହିତ ରହିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନ ବଳାଇବେ । ମହିଳାମାନେ ଚଳଚଞ୍ଚଳ ରହିବେ ।

**ତୁଳା**
ରବି, ସୋମବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ହେବ । ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ପରିବାର ସହ ତୀର୍ଥସ୍ଥାନ ଦର୍ଶନ କରିବାକୁ ଯାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ନୂତନ ସାହସ ସଂଚାର କରି ଆଗକୁ ବଢ଼ିବେ ।

**ବିଛା**
ରବି, ସୋମବାରରେ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ଧର୍ମକାର୍ଯ୍ୟରେ ଯୋଗଦାନ ଦେଇ ଆତ୍ମସନ୍ତୋଷ ପାଇବେ । ମହିଳାମାନେ ଏକୁଟିଆ ରହିବାକୁ ପସନ୍ଦ କରିବେ । ଗୁରୁ , ଶୁକ୍ର, ଶନିବାରରେ ଉଚ୍ଚ ବିଚାର ଏବଂ ସକାରାତ୍ମକ ଚିନ୍ତାଧାରା ଧରି ଆଗକୁ ବଢ଼ିବେ ।


**ଧନୁ**
ରବି, ସୋମବାରରେ ଶୁଭ କାର୍ଯ୍ୟରେ ଯୋଗ ଦେବେ । ମଙ୍ଗଳ, ବୁଧବାରରେ ଉତ୍ସାହିତ ହୋଇ ଅଯଥା ଖର୍ଚ୍ଚ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭାଙ୍ଗିଯାଇଥିବା ସମ୍ପର୍କ ପୁନଶ୍ଚ ଯୋଡ଼ି ହୋଇଯିବ । ସାଙ୍ଗସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

**ମକର**
ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଶୁଭ ସମାଚାର ପାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭୂସଂପତ୍ତି ଆଦି କ୍ରୟ କରିପାରନ୍ତି । ପାରିବାରିକ ମିଳାମିଶା ଓ ସୁଖସମୃଦ୍ଧି ବୃଦ୍ଧି ପାଇବ ।

**କୁମ୍ଭ**
ରବି, ସୋମବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇବେ । ମଙ୍ଗଳ, ବୁଧବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ଗୁରୁ , ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟରରେ ଉନ୍ନତି ପାଇଁ ଉତ୍ତମ ସୁଯୋଗ ପାଇବେ ।

**ମୀନ**
ରବି, ସୋମବାରରେ ଅଯଥା ଚିନ୍ତାକରି ମାନସିକ ଅବସାଦରେ ରହିପାରନ୍ତି । ମଙ୍ଗଳ, ବୁଧବାରରେ ଧାର୍ମିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ନୂତନ ସମ୍ପର୍କରେ ବାନ୍ଧି ହୋଇପାରନ୍ତି । ପରିବାରରେ ଅଶାନ୍ତି ଲାଗି ରହିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com






# ଅସଂପୂର୍ଣ୍ଣ ରୂପାନ୍ତରୀକରଣ

**ଓଡ଼ିଶାର ପ୍ରଗତିରେ ପୂର୍ବ ବିଜେଡ଼ି ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀର୍ଘ ୨୪ ବର୍ଷର ଶାସନରେ ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ସଂପନ୍ନ ବିଚାରଧାରା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିଛି । ନବୀନଙ୍କ ଦକ୍ଷ ନେତୃତ୍ୱ ସହିତ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଯୋଗୁଁ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସାରା ଦେଶରେ ସୁଖ୍ୟାତି ଅର୍ଜନ କରିଥିଲା । ତତ୍କାଳୀନ ସରକାରଙ୍କ ସମୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଦ୍ୱାରା ରାଜ୍ୟବାସୀ ବେଶ୍ ଲାଭବାନ ହୋଇଛନ୍ତି । ମହିଳାଙ୍କଠାରୁ ଆରମ୍ଭ କରି ଶ୍ରମିକମାନଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକେ ଆର୍ଥିକ, ସାମାଜିକ ଦିଗରୁ ସଶକ୍ତ ହୋଇପାରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ଧାର୍ମିକ ପୀଠଗୁଡ଼ିକର ଉନ୍ନତି ପାଇଁ ଅଜସ୍ର ଟଙ୍କା ବ୍ୟୟବରାଦ କରିଥିଲେ ତତ୍କାଳୀନ ନବୀନ ସରକାର । ବିଶେଷ କରି '୫-ଟି' ଉପକ୍ରମ ଅଧୀନରେ ସ୍କୁଲ, ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା, ମନ୍ଦିରଗୁଡ଼ିକର ରୂପାନ୍ତରଣ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଓଡ଼ିଶାକୁ ଏକ ବିକାଶଶୀଳ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତେବେ ଦୁଃଖର ବିଷୟ, ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପର ରୂପାନ୍ତରଣ କାର୍ଯ୍ୟ ଏବେ ବି ଅସଂପୂର୍ଣ୍ଣ ହୋଇ ରହିଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଜେଡ଼ି ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିକାଶରେ ବ୍ରେକ୍ ଲାଗିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନେକ ରୂପାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ଚାଲିଥିଲା ତାହା ମଧ୍ୟ ଧିମେଇ ଯାଇଛି । ବିଜେପି ସରକାର ଆସିବାର ଦେଢ଼ ବର୍ଷରୁ ଅଧିକ ସମୟ ହେଲାଣି ତଥାପି ପୂର୍ବ ସରକାରଙ୍କ ବିଭିନ୍ନ ରୂପାନ୍ତରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ କରିପାରିନାହାନ୍ତି ।**

ଓଡ଼ିଶା ବିକାଶର ଶିଖର ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାରେ ସମର୍ଥ ହୋଇଛନ୍ତି । ଦୀର୍ଘ ୨୪ ବର୍ଷ ଧରି ରାଜ୍ୟ ବିକାଶର ସେ ମଙ୍ଗ ଧରିଥିଲେ । ତେବେ ନବୀନଙ୍କ ଶାସନର ପଞ୍ଚମ ପାଳିରେ '୫-ଟି' ଉପକ୍ରମରେ ରାଜ୍ୟର ବିକାଶ ପାଇଁ ତତ୍କାଳୀନ ସରକାର ରୂପାନ୍ତରଣ ଲକ୍ଷ୍ୟରେ ବିଭିନ୍ନ କ୍ଷେତ୍ରରେ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିଥିଲେ ।

TRANSPARENCY
TECHNOLOGY
TEAMWORK
TIME
TRANSFORMATION

ତତ୍କାଳୀନ ରାଜ୍ୟ ସରକାର ୨୦୦୦ ମସିହାରୁ କ୍ରମାଗତ ଭାବେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇଆସୁଥିଲେ । ତେବେ ପଞ୍ଚମ ପାଳିରେ ପ୍ରଥମ ପର୍ଯ୍ୟାୟ ରୂପାନ୍ତରୀକରଣରେ ଶିକ୍ଷା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧି ସହିତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା । ରାଜ୍ୟର ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଶ୍ରେଣୀ ଗୃହ ମରାମତି ବା ପୁନଃନିର୍ମାଣ, ସ୍ମାର୍ଟ ଶ୍ରେଣୀ ଗୃହ, ବିଜ୍ଞାନଗାର, ପାଚେରୀ ନିର୍ମାଣ, ଶୌଚାଳୟ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଲାଇବ୍ରେରି, ସ୍କୁଲ ପଡ଼ିଆର ଉନ୍ନତିକରଣ ଆଦି ଉପରେ ସରକାର ଅଧିକ ଗୁରୁତ୍ୱାରୋପ କରିଥିଲେ । ୨୦୧୯ ମସିହାରୁ ପର୍ଯ୍ୟାୟକ୍ରମେ ଏହି ଯୋଜନା ଆରମ୍ଭ ହୋଇଥିଲା । ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟର ପ୍ରାୟ ୬୦୦୦ରୁ ଅଧିକ ସରକାରୀ ହାଇସ୍କୁଲର ରୂପାନ୍ତରଣ କରାଯାଇଥିଲା । କେବଳ ଭିତ୍ତିଭୂମି ନୁହେଁ, ଗୁଣାତ୍ମକ ଶିକ୍ଷା ଉପରେ ମଧ୍ୟ ଜୋର୍ ଦିଆଯାଇଥିଲା । ନୂତନ ଶିକ୍ଷକ ନିଯୁକ୍ତି କରି ଶିକ୍ଷକମାନଙ୍କ ସଂଖ୍ୟା ବୃଦ୍ଧି କରାଯାଇଥିଲା । ଶିକ୍ଷା ଜଗତରେ ଯୁଗାନ୍ତକାରୀ ରୂପାନ୍ତରଣ ପ୍ରକ୍ରିୟାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ '୫-ଟି' ସଚିବ ଭି.କେ. ପାଣ୍ଡିଆନ୍ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ ।

ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ନବୀନ ସରକାର ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଗରିବ ଓ ମଧ୍ୟବର୍ଗର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାର ରୂପାନ୍ତରଣ କରିଥିଲେ । ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ସରକାରୀ ଡାକ୍ତରଖାନାଗୁଡ଼ିକର












ଭି ତ୍ତି ଭୂ ମି ସୁଦୃଢ଼ କରିବା, ନୂତନ ଡାକ୍ତର ନିଯୁକ୍ତି, ସ୍ୱାସ୍ଥ୍ୟ ବୀମା, ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡିକାଲ୍ କଲେଜର ରୂପାନ୍ତରଣ ପାଇଁ ୧୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେହିପରି 'ଆମ ହସ୍‌ପିଟାଲ୍ ଯୋଜନା'ରେ ୭୨୫ କୋଟି ଟଙ୍କା ବ୍ୟୟରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୪୭ଟି ଜିଲ୍ଲା, ସବ୍‌ଡିଭିଜନ୍ ଓ ସିଏଚ୍‌ସି ଡାକ୍ତରଖାନା ଉନ୍ନତିକରଣ ପାଇଁ ଯୋଜନା କରାଯାଇଥିଲା। ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ରୂପାନ୍ତରଣ ଯୋଜନାକୁ ସଫଳ ରୂପାୟନ ଦେବାକୁ ତତ୍କାଳୀନ ୫-ଟି ସଚିବ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ। ନବୀନ ସରକାର ସମୟରେ ଓଡ଼ିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବେଶ୍ ଅଗ୍ରଣୀ ରହିଥିଲା।

ସେଭଳି ରାଜ୍ୟରେ କ୍ରୀଡ଼ାର ବିକାଶ ଭୂମିକୁ ସୁଦୃଢ଼ କରିବା ପାଇଁ ରୂପାନ୍ତରଣ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିରେ ଯଥେଷ୍ଟ ବୃଦ୍ଧି ହୋଇଥିଲା। ରାଉରକେଲାରେ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମାଣ, ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଇନ୍‌ଡୋର୍-ଷ୍ଟାଡିୟମ୍ ନିର୍ମାଣ କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସେହିପରି ରାଜ୍ୟରେ ଫୁଟ୍‌ବଲ, ବ୍ୟାଡମିଣ୍ଟନ, ଆଥଲେଟିକ୍ସ ଆଦି କ୍ରୀଡ଼ାର ବିକାଶ ପାଇଁ ୧୦ଟି ଉତ୍କର୍ଷ କେନ୍ଦ୍ର ସ୍ଥାପିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଖେଳ ପଡ଼ିଆଗୁଡ଼ିକର ଉନ୍ନତି ପାଇଁ ବ୍ୟୟ ବରାଦ କରାଯାଇଥିଲା। ଏଥିପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ କରାଯାଇ କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରାଯାଇଛି।

ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ାର ରୂପାନ୍ତରଣ କେବଳ ନୁହେଁ, ରାଜ୍ୟର ଧାର୍ମିକ ପୀଠଗୁଡ଼ିକର ରୂପାନ୍ତରୀକରଣ ଦିଗରେ ମଧ୍ୟ ତତ୍କାଳୀନ ନବୀନ ସରକାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ବିଶେଷ କରି ପୁରୀରେ 'ଶ୍ରୀମନ୍ଦିର ପରିକ୍ରମା' ପ୍ରକଳ୍ପ ଥିଲା ଏକ ପ୍ରମୁଖ ଯୋଜନା। ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରୀ ଚାରିପାଖରେ ୭୫ ମିଟର ପରିଧି ମଧ୍ୟରେ ନିର୍ମିତ ଏହା ଏକ ଐତିହ୍ୟ ମାର୍ଗ। ଏହି ପ୍ରକଳ୍ପରେ ଭକ୍ତମାନଙ୍କ ସୁବିଧା ପାଇଁ ଚଲାପଥ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଜିନିଷପତ୍ର ରଖିବା ପାଇଁ ବ୍ୟବସ୍ଥା, ଶ୍ରଦ୍ଧାଳୁମାନଙ୍କ ବସିବା ପାଇଁ ବ୍ୟବସ୍ଥା, ସୂଚନା କେନ୍ଦ୍ର, ଜୋତା ଷ୍ଟାଣ୍ଡ ଆଦି ନିର୍ମାଣ କରାଯାଇଛି। ପ୍ରାୟ ୮୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ବିକାଶ, ଭକ୍ତମାନଙ୍କ ସୁବିଧା ପାଇଁ ଏହି ପ୍ରକଳ୍ପ ଏକ ପ୍ରମୁଖ ପଦକ୍ଷେପ। ତେବେ ପରିକ୍ରମା ପ୍ରକଳ୍ପ ଅଧୀନରେ କେବଳ ମନ୍ଦିର ଚତୁଃପାର୍ଶ୍ୱ ନୁହେଁ, ବରଂ ଐତିହ୍ୟ ସଂପନ୍ନ ପୁରୀ ସହରର ସୌନ୍ଦର୍ଯ୍ୟକରଣ ଓ ବିକାଶର ନକ୍ସା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଅବଢ଼ା ଯୋଜନାରେ ୪ ହଜାର ୨ ଶହ ୨୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ତଥା ପୁରୀ ସହର ସୌନ୍ଦର୍ଯ୍ୟକରଣ ସଫଳ କରିବା ପଛରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ '୫-ଟି' ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ଆନ୍ତରିକ ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ରହିଥିଲା। ତେବେ କ୍ଷୋଭର ବିଷୟ ଶ୍ରୀମନ୍ଦିର ପରିକ୍ରମା ସଂପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଅସଂପୂର୍ଣ୍ଣ ହୋଇପଡ଼ି ରହିଛି। ବର୍ତ୍ତମାନ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଅସଂପୂର୍ଣ୍ଣ କାର୍ଯ୍ୟ ଧିମେଇ ଚାଲିଛି।

ପୁରୀର ବହୁ ପ୍ରତୀକ୍ଷିତ ରଘୁନନ୍ଦନ ଲାଇବ୍ରେରୀ, ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ପାଇଁ କାମ ଆରମ୍ଭ ହୋଇନାହିଁ। ଏ ବାବଦରେ ପୂର୍ବ ସରକାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ମଞ୍ଜୁର ମଧ୍ୟ କରିଥିଲେ। ହେଲେ କାମ ଆରମ୍ଭ ହୋଇ ନଥିବାରୁ ଏହା ଅନିଶ୍ଚିତତା ଭିତରେ ରହିଯାଇଛି। ସେହିପରି ମୂଷା ନଈ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ-୨ ସମ୍ପ୍ରସାରଣ କାମ ସହ ପୁରୀ ହ୍ରଦ ପ୍ରକଳ୍ପ ପାଇଁ ୮୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅବଢ଼ା ଯୋଜନାରେ ଏହି 'ହ୍ରଦ ପ୍ରକଳ୍ପ' ପରିକଳ୍ପନା କରାଯାଇଥିଲା। ମୂଷା ନଦୀ ପୁନରୁଦ୍ଧାର ଯୋଜନା ମଧ୍ୟରେ ଏହାକୁ ସାମିଲ କରାଯାଇଥିଲା। ହେଲେ ମୂଷା ନଦୀ ସମ୍ପ୍ରସାରଣ କାମ ସଂପୂର୍ଣ୍ଣ ହୋଇନାହିଁ। ସେହିପରି ସମୁଦ୍ରକୂଳ ଦିଗବାରିଣୀ ଛକଠାରେ ହେବାକୁ ଥିବା ବହୁତଳ ବିଶିଷ୍ଟ କାର୍ ପାର୍କିଂ ନିର୍ମାଣ ଚାଲିଛି। ଏବେ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ।



ସେହିପରି ତତ୍କାଳୀନ ନବୀନ ସରକାର ସେତେବେଳେ ରୂପାନ୍ତରଣ ପ୍ରକଳ୍ପ ଅଧୀନରେ ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର, କଟକ ଚଣ୍ଡୀ ମନ୍ଦିର, ଗଞ୍ଜାମର ତାରାତାରିଣୀ ପୀଠ, ଜଗତସିଂହପୁର ମା' ଶାରଳା ମନ୍ଦିର, କଣ୍ଟିଲୋର ନୀଳମାଧବ ମନ୍ଦିର, ବଲାଙ୍ଗିରର ହରିଶଙ୍କର, ବରଗଡ଼ର ନୃସିଂହନାଥ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଆଦି ଅନେକ ମନ୍ଦିରର ରୂପାନ୍ତରଣ ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ। ଏହାଫଳରେ ଭକ୍ତମାନଙ୍କୁ ସୁବିଧା ମିଳିବା ସହିତ ପର୍ଯ୍ୟଟନର ବିକାଶ ଓ ନିଯୁକ୍ତି ସୃଷ୍ଟି ହୋଇଥିଲା। ରୂପାନ୍ତରିକରଣ ଯୋଗୁଁ ଧାର୍ମିକ ପର୍ଯ୍ୟଟନ ପୀଠର ବିକାଶ ସହିତ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ଓ ବିକାଶ ହୋଇଛି।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରିଥିଲେ। ମା' ସମଲେଶ୍ୱରୀ ପୀଠର ରୂପାନ୍ତରଣର ପ୍ରଥମ ପର୍ଯ୍ୟାୟ କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିଲା। 'ସମଲେଇ' ଯୋଜନା ଅଧୀନରେ ଭବ୍ୟ ମନ୍ଦିରର ସୌନ୍ଦର୍ଯ୍ୟକରଣ ଯୋଜନାକୁ ୨୦୨୪ ମସିହା ଜାନୁଆରୀ ୨୭ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପର୍ଯ୍ୟାୟ କାମ ୨୦୨୪ରୁ ଆରମ୍ଭ ହୋଇଛି। ଏଥିପାଇଁ ପ୍ରାୟ ୮୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ଧାର୍ଯ୍ୟ ସମୟ ଅବଧିରେ କାମ ଶେଷ ହୋଇନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ ପ୍ଲାଜା, ବିଶାଳ ପାର୍କିଂ ବ୍ୟବସ୍ଥା, ଭକ୍ତ ନିବାସ, ପୋଖରୀ ପୁନଃନିର୍ମାଣ ଓ ସୁଦୃଶ୍ୟକରଣ, ଉଦ୍ୟାନୀକରଣ, ଉପହାର-ଫୁଡ୍ ପାର୍କ ଦୋକାନ ନିର୍ମାଣ, ଆବର୍ଜନା ନିଷ୍କାସନ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ସିସିଟିଭି କ୍ୟାମେରା ବ୍ୟବସ୍ଥା ଆଦି ରହିଛି। ସମଲେଇ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଦାବି ହେଉଛି।

କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠର ଭବ୍ୟ ରୂପାନ୍ତରୀକରଣ ପ୍ରକଳ୍ପ ପାଇଁ ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ '୫-ଟି' ଯୋଜନା ଅଧୀନରେ ପ୍ରାୟ ୮୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି ଐତିହାସିକ ପ୍ରକଳ୍ପ ପାଇଁ କାମ ମଧ୍ୟ ଶୀଘ୍ର ଆରମ୍ଭ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ରୂପାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ। ଏବେ ବିଜେପି ଶାସନରେ ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ଫଳରେ ଭକ୍ତମାନଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେହିପରି କଟକ ଜିଲ୍ଲା ତିଗିରିଆ ବ୍ଲକ୍‌ର ନିଜିଗଡ଼ସ୍ଥିତ ପ୍ରସିଦ୍ଧ 'ଗୁପ୍ତ ଶ୍ରୀକ୍ଷେତ୍ର'ର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇନାହିଁ। ଏହି ପୀଠ ପାଇଁ ୧୫ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ତେବେ ତିନି ବର୍ଷ ବିତିଲାଣି ରୂପାନ୍ତରଣ କାର୍ଯ୍ୟ ସମାପ୍ତ ହୋଇନାହିଁ। ତେଣୁ ସ୍ଥାନୀୟ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ନବୀନ ସରକାର ସମୟରେ ଏଭଳି ଆହୁରି ଅନେକ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇପାରିନାହିଁ। ସେଥିମଧ୍ୟରୁ ବଲାଙ୍ଗିର ଜିଲ୍ଲାର ଗୋପାଳଜୀ ମନ୍ଦିର, ମା' ପାଟଣେଶ୍ୱରୀ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର, ଯୋଗୀସର୍ଡାର ଯୋଗେଶ୍ୱର ମନ୍ଦିର, ଗଞ୍ଜାମ ଜିଲ୍ଲାର ବୁଢ଼ୀ ଠାକୁରାଣୀ ମନ୍ଦିର, ନୂଆପଡ଼ାର ପତୋରାସ୍ଥିତ ବାବା ଯୋଗେଶ୍ୱର ମନ୍ଦିର, ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀ ମନ୍ଦିର, ନୟାଗଡ଼ ଜିଲ୍ଲା କଣ୍ଟିଲୋର ନୀଳମାଧବ ମନ୍ଦିର ଆଦି ଅନ୍ୟତମ। ଏହି ସବୁ ଦେବଦେବୀ ପୀଠର ରୂପାନ୍ତରଣ କାର୍ଯ୍ୟ ଆଜି ମଧ୍ୟ ସଂପୂର୍ଣ୍ଣ ହୋଇନାହିଁ। ଫଳରେ ଭକ୍ତ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅସଂପୂର୍ଣ୍ଣ କାର୍ଯ୍ୟଗୁଡ଼ିକକୁ ଶୀଘ୍ର ଶେଷ କରିବାକୁ ଦାବି ହେଉଛି।

ପ୍ରକୃତରେ ବିକାଶର ବିନ୍ଧାଣି ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କର ଶାସନ କାଳରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରଗତି ହୋଇଛି। ବାସ୍ତବରେ ରୂପାନ୍ତରଣ ରୂପକାର ଥିଲେ ନବୀନ ପଟ୍ଟନାୟକ। ତେବେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରୂପାନ୍ତରଣ କାମଗୁଡ଼ିକ ଧିମେଇ ଯାଇଥିବାରୁ ଲୋକଙ୍କ ଭିତରେ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ■











# ପୁରୀର ଅଧାଗଢ଼ା ପ୍ରକଳ୍ପ

**ହେମନ୍ତ ନାୟକ, ପୁରୀ**

ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ପୁରୀ। ଆଧ୍ୟାତ୍ମିକ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନର ସହର ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। କିଛିବର୍ଷ ପୂର୍ବକୁ ଫେରିଗଲେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରଦ୍ଧାଳୁଙ୍କ ପାଇଁ ସେଭଳି କୌଣସି ସୁବିଧା ଉପଲବ୍ଧ ନ ଥିଲା। ଏମିତି ବି ୨୦୧୯ ମେ ୩ ତାରିଖ ପୁରୀରେ ତାଣ୍ଡବ ରଚିଥିଲା ବାତ୍ୟା 'ଫନି'। ଶ୍ରୀକ୍ଷେତ୍ରକୁ ଏକପ୍ରକାର ଶ୍ରୀହୀନ କରି ଦେଇଥିଲା। ଦୁଃଖ, ଦୁର୍ଦ୍ଦଶା, ନିରାଶାର କଳା ଅନ୍ଧାର ଭିତରେ ଗୁମୁରି କାନ୍ଦୁଥିବା ପୁରୀବାସୀଙ୍କୁ ଭରସାର ହାତ ବଢ଼ାଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀ ଗସ୍ତ କରି ସୁବିଧା ଅସୁବିଧା ବୁଝିବା ସହ ଶ୍ରୀକ୍ଷେତ୍ରର ସ୍ଥିତି ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ତେଣୁ ପୁରୀକୁ ଏକ ବିଶ୍ୱସ୍ତରୀୟ ସହର ଭାବେ ଗଢ଼ିତୋଳିବାକୁ ମନସ୍ଥ କରିଥିଲେ ନବୀନ। ଆଙ୍କିଥିଲେ ପୁରୀ ବିକାଶର ନକ୍ସା। ଇତିମଧ୍ୟରେ ଆଜି ଶ୍ରୀକ୍ଷେତ୍ର ମାଟିରେ ଅନେକ ମେଗା ପ୍ରକଳ୍ପ ଛିଡ଼ା ହୋଇଛି। ହେଲେ ରାଜ୍ୟରେ ଶାସନ କ୍ଷମତା ପରିବର୍ତ୍ତନ ପରେ ଏକାଧିକ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇପାରିନି। କିଛି ପ୍ରକଳ୍ପ ଆରମ୍ଭ ହୋଇ ନ ଥିବାବେଳେ ଅଧାପନ୍ତରିଆ ରହିଯାଇଛି ଅନେକ ପ୍ରକଳ୍ପ।

ଚିରଦିନ ଏମିତି ଉଦ୍ଭାସିତ ହେଉଥାଉ ଶ୍ରୀମନ୍ଦିର ଏବଂ ରତ୍ନସିଂହାସନରେ ବସି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଉପରେ ଆଶିଷ ଢାଳି ଦେଉଥାନ୍ତୁ ଭାବର ଠାକୁର। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ କାହିଁକି କେଜାଣି ସେଦିନ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ ଆନ୍ଦୋଳିତ କରିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇ ଶ୍ରୀମନ୍ଦିର ନିକଟରେ ଛିଡ଼ା ହୋଇଥିବା ବେଳେ ବଡ଼ଦେଉଳର ସୁରକ୍ଷାକୁ ନେଇ ମନରେ ଆଶଙ୍କା ଭରିଥିଲା। ସେହିଠାରେ ହିଁ, ନିଜ ମନରେ ଆଙ୍କିଥିଲେ ନକ୍ସା, ଯାହାକି ଆଜି ବାସ୍ତବତାର ରୂପ ନେଇଛି। ପରିକ୍ରମା ପ୍ରକଳ୍ପ ଦ୍ୱାରା ଆହୁରି ଶକ୍ତ ହୋଇଛି ଆମ ଶ୍ରୀମନ୍ଦିରର ସୁରକ୍ଷା। କେବଳ ବଡ଼ଦେଉଳ ସୁରକ୍ଷିତ ହୋଇଛି ତାହା ନୁହେଁ, ଭକ୍ତଙ୍କୁ ମିଳିପାରୁଛି ଅତ୍ୟାବଶ୍ୟକ ସେବା ସୁବିଧା। ହେଲେ ଏ ପର୍ଯ୍ୟନ୍ତ କିନ୍ତୁ ପୂର୍ଣ୍ଣାଙ୍ଗ ହୋଇପାରିନି ପରିକ୍ରମା ପ୍ରକଳ୍ପ। ବହୁ ପ୍ରତୀକ୍ଷିତ ରଘୁନନ୍ଦନ ଲାଇବ୍ରେରୀ, ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ପାଇଁ ଏବେ ବି ଇଟାଖଣ୍ଡିଏ ଯୋଡ଼େଇ ହୋଇପାରିନି। ରଘୁନନ୍ଦନ ଲାଇବ୍ରେରୀ ପାଇଁ ଚିହ୍ନଟ ଜାଗା ସେମିତି ଖାଲଖମା ହୋଇପଡ଼ି ରହିଛି। ଏ ବାବଦରେ ପୂର୍ବ ସରକାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ମଞ୍ଜୁର ମଧ୍ୟ କରିଥିଲେ। ହେଲେ ଅନୁମତିକୁ ଅପେକ୍ଷା କରି ସମୟ ଗଡ଼ିଥିବା ବେଳେ ଏ ଯାଏ ଏହା ଅନିଶ୍ଚିତତା ଭିତରେ ରହିଯାଇଛି।

## ଅଭ୍ୟର୍ଥନା କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ

ଇତିହାସ କହେ କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ଶ୍ରୀମନ୍ଦିର ଉପରେ ଏକାଧିକଥର ଆକ୍ରମଣ ହୋଇଛି। ଏହି ସମୟରେ ବିଶ୍ୱନିୟନ୍ତା ମହାପ୍ରଭୁ ଜଗନ୍ନାଥଙ୍କୁ ରତ୍ନସିଂହାସନ ଛାଡ଼ିବାକୁ ପଡ଼ିଛି। ଆକ୍ରମଣକାରୀଙ୍କ କବଳରୁ ରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ଲୁଚାଇ ରଖାଯାଇଛି। ଏମିତି ସମୟ ଆଉ ନ ଆସୁ। ଆମ ବଡ଼ଦେଉଳ ଉପରେ ଆକ୍ରମଣ ନୁହେଁ, ଇଟା ପଥର ଖଣ୍ଡିଏ ବି କେହି ପକାଇବାକୁ ସାହସ ନ କରନ୍ତୁ।





## ଘୋଷଣାରେ ସୀମିତ ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ମଣ୍ଡପ

ବଦଳିବ ପରିକ୍ରମା ପ୍ରକଳ୍ପର ଡିଜାଇନ୍। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଆଉ କ'ଣ ରୂପରେଖ ହେବ ଆସନ୍ତା ଦୁଇରୁ ତିନି ମାସ ମଧ୍ୟରେ ସ୍ପଷ୍ଟତା ଆସିବ। ନୂଆ ଡିଜାଇନ୍ ନେଇ ମଧ୍ୟ ଆଲୋଚନା ଚାଲିଛି। ଲୋକଙ୍କ ଧର୍ମୀୟ ଭାବନାକୁ ନେଇ ତିଆରି ହେବ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ମଣ୍ଡପ। ୨୦୨୪ ଡିସେମ୍ବର ୨୦ ତାରିଖରେ ଏଭଳି ଘୋଷଣା କରିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଏକ ଉତ୍କଳୀୟ କାରୁକାର୍ଯ୍ୟରେ ଭବ୍ୟ ଯଜ୍ଞଶାଳା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯେଉଁଥିରେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯଜମାନଙ୍କ ଦାନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ବିଶ୍ୱର ମଙ୍ଗଳ ପାଇଁ ଘୃତାହୃତି ଦିଆଯିବ। ସେହିଭଳି ଜ୍ଞାନଯଜ୍ଞ ଆଧାରରେ ବାହାରୁ ଆସୁଥିବା ଭକ୍ତଙ୍କୁ ଜଗନ୍ନାଥ ସଂସ୍କୃତି ଓ ଉତ୍କଳର ଇତିହାସ ସମ୍ପର୍କରେ ଅବଗତ କରାଇବା ପାଇଁ ଡକ୍ୟୁମେଣ୍ଟାରି, ଅଡିଟୋରିଅମ୍ ବ୍ୟବସ୍ଥା ଚିନ୍ତା କରାଯାଉଛି। ଅନ୍ନ ଯଜ୍ଞ ମାଧ୍ୟମରେ ବିନା ମୂଲ୍ୟରେ ଭକ୍ତଙ୍କୁ ପ୍ରତ୍ୟକ ଦିନ ନିଶୁଳ୍କ ମହାପ୍ରସାଦ ପରସା ଏବଂ ସ୍ୱଳ୍ପ ମୂଲ୍ୟରେ ମଧ୍ୟ ପ୍ରସାଦ ବିକ୍ରି ପାଇଁ ପ୍ରସ୍ତାବ ରହିଛି ବୋଲି କହିଥିଲେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେରୁ ଅଧିକ ହେଲାଣି, ଏହା ବାସ୍ତବତାର ରୂପ ନେଇପାରିନି।

## ଅଟକିଯାଇଛି ମୂଷା ନଦୀର ପୁନରୁଦ୍ଧାର



ସହରରେ ମିଳିବ ହ୍ରଦର ଅନୁଭୂତି। କୃତ୍ରିମ ହ୍ରଦର ସୌନ୍ଦର୍ଯ୍ୟ ଉପଭୋଗ ସହ ବୋଟିଂର ମଜା ନେବେ ପର୍ଯ୍ୟଟକ। ଶ୍ରୀକ୍ଷେତ୍ରର ପର୍ଯ୍ୟଟନ ସମ୍ଭାରରେ ଯୋଡି ହେବ ଆଉ ଏକ ଅଧ୍ୟାୟ। ଏଥିପାଇଁ ମୂଷା ନଦୀର ପୁନରୁଦ୍ଧାର ସହ ହ୍ରଦ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପରେ ଅଟକିଯାଇଛି। ଅଠରନଳାରୁ ଖଣ୍ଡିଆବନ୍ଧକୁ ଯାଇଥିବା ରାସ୍ତାର ବାମ ପାର୍ଶ୍ୱରେ ପ୍ରାୟ ୨୪ ଏକର ଜାଗାରେ ଏହି କୃତ୍ରିମ ହ୍ରଦ ଲାଗି ଯୋଜନା ରହିଥିଲା। ମୂଷା ନଈ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ-୨ ସମ୍ପ୍ରସାରଣ କାମ ସହ ପୁରୀ ହ୍ରଦ ପ୍ରକଳ୍ପ ପାଇଁ ୮୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅବଢ଼ା ଯୋଜନାରେ ଏହି 'ହ୍ରଦ ପ୍ରକଳ୍ପ' ପରିକଳ୍ପନା କରାଯାଇଥିଲା। ମୂଷା ନଦୀ ପୁନରୁଦ୍ଧାର ଯୋଜନା ମଧ୍ୟରେ ଏହାକୁ ସାମିଲ କରାଯାଇଥିଲା। ହ୍ରଦ ମଧ୍ୟରେ ପର୍ଯ୍ୟଟକ ବୋଟିଂ କରିବେ। ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କରାଯିବ। ୱାକିଂ ଟ୍ରାକ୍, ସାଇକେଲ୍ ଟ୍ରାକ୍ ସହ ଘାସ ଗାଲିଚା ଓ ଉଦ୍ୟାନ ଆଚ୍ଛାଦିତ ହେବ ଏହି ହ୍ରଦ ବୋଲି ଯୋଜନା ରହିଥିଲା। ହେଲେ ମୂଷା ନଦୀ ସମ୍ପ୍ରସାରଣ କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି।

## ଜେବିପିସି ବି ଅସମ୍ପୂର୍ଣ୍ଣ

ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଯେପରି ଟ୍ରାଫିକ୍ ସମସ୍ୟାରେ ନ ପଡ଼ନ୍ତି ସେଥିଲାଗି ଜଗନ୍ନାଥ ବଲ୍ଲଭ ପରିସରରେ ତିଆରି ହୋଇଛି ବହୁମୁଖୀ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର(ଜେବିପିସି)। ଏଠାରେ ପାର୍କିଂ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା କରାଯାଇଛି। ୭୭,୫୬୮ ବର୍ଗ ମିଟର ଜାଗାରେ ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର ସହିତ ୫ ମହଲା କୋଠା ନିର୍ମାଣ କରାଯାଇଛି। ୬,୯୩୬ ବର୍ଗ ମିଟର



ଅଞ୍ଚଳରେ ଧ୍ୟାନକେନ୍ଦ୍ର ନିର୍ମାଣ ଯୋଜନା ଥିବାବେଳେ ଏହା ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପ ନେଇପାରି ନାହିଁ। ଏଠାରେ ଯେ କୌଣସି ପ୍ରକାର ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଲାଗି ଯୋଜନା ଥିଲା। କିନ୍ତୁ ଧ୍ୟାନ କେନ୍ଦ୍ର ଖୋଲାଯାଇ ନ ଥିବାବେଳେ ଅନ୍ୟାନ୍ୟ କାମ ବି ବାକି ରହିଛି। ସେଣ୍ଟ୍ରାଲ ଏସିର ଟେଷ୍ଟିଂ ବାକି ଥିବାବେଳେ ପିଲାଙ୍କ ପାଇଁ ଫିଡିଂ ରୁମ୍, ଡ୍ରାଇଭରଙ୍କ ପାଇଁ ବିଶ୍ରାମ କକ୍ଷ, ଫୁଡ୍‌କୋର୍ଟ ଏବଂ ଏଣ୍ଟରଟେନମେଣ୍ଟ ଜୋନ୍ ଆଦୌ ଆରମ୍ଭ ହୋଇନାହିଁ।

## ପୂର୍ଣ୍ଣାଙ୍ଗ ହୋଇପାରିନି ବହୁତଳ ବିଶିଷ୍ଟ ପାର୍କିଂ

ସମୁଦ୍ରକୂଳ ଦିଗବାରିଣୀ ଛକଠାରେ ୪/୫ ବର୍ଷ ହେବ ବହୁତଳ ବିଶିଷ୍ଟ କାର୍ ପାର୍କିଂ ନିର୍ମାଣ ଚାଲିଛି। ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇପାରିନି। ବିଶେଷକରି ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧାକୁ ନଜରରେ ରଖି ଏହି ବହୁତଳ ବିଶିଷ୍ଟ କାର୍ ପାର୍କିଂର ପରିକଳ୍ପନା କରାଯାଇଥିଲା। ହେଲେ ସରକାର ପରିବର୍ତ୍ତନ ପରେ ପୁରୀର ପ୍ରାୟ ସବୁ ପ୍ରକଳ୍ପ କାମ ବନ୍ଦ ରହିଥିଲା। ଏଥିରେ ସାମିଲ ଥିଲା ଏହି ପାର୍କିଂ ସ୍ଥଳ। ପରବର୍ତ୍ତୀ ସମୟରେ ଯଦିଓ ଏହାର କାମ ଆରମ୍ଭ କରାଯାଇଥିଲା କିନ୍ତୁ ଏବେ ବି ଏହା ଅଧାପନ୍ତରିଆ ରହିଛି। ■

## ଉପେକ୍ଷିତ ତୀର୍ଥ ଶ୍ୱେତଗଙ୍ଗା

ଶ୍ରୀକ୍ଷେତ୍ରର ବହୁ ତୀର୍ଥ ପୁଷ୍କରିଣୀ ଶ୍ରୀମନ୍ଦିର ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ନୀତି ସହ ଜଡ଼ିତ। ସମୟକ୍ରମେ ଏହି ପୁଷ୍କରିଣୀଗୁଡ଼ିକ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଥିଲା। ଏହା ଉପରେ ନଜର ପଡ଼ିଥିଲା ପୂର୍ବ ସରକାରଙ୍କର, ଯେଉଁଥିପାଇଁ ଶ୍ରୀକ୍ଷେତ୍ରର ୪ଟି ତୀର୍ଥ ପୁଷ୍କରିଣୀ (ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ନରେନ୍ଦ୍ର ଓ ମାର୍କଣ୍ଡେୟ)କୁ ନୂଆ ରୂପ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରିକ୍ରମା ପ୍ରକଳ୍ପ ସହିତ ଶ୍ରୀକ୍ଷେତ୍ରର ଶ୍ରୀବୃଦ୍ଧିରେ ପ୍ରମୁଖ ଯୋଗଦାନ ରଖୁଥିବ ଏହି ତୀର୍ଥ ପୁଷ୍କରିଣୀ ଲାଗି ସେତେବେଳେ ଅବଢ଼ା ଯୋଜନାରେ ୬୬ କୋଟି ୬୭ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ କରିଥିଲା ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି)। ପରବର୍ତ୍ତୀ ସମୟରେ ବ୍ୟୟ ଅଟକଳ ମଧ୍ୟ ବଢ଼ିଥିଲା। ୨୦୨୨ ଜୁନ୍‌ରୁ କାମ ଆରମ୍ଭ ହୋଇଥିଲା।

ତିନୋଟି ପୁଷ୍କରିଣୀ ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ ଏବଂ ମାର୍କଣ୍ଡେୟ ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗାରେ କାମ ଆରମ୍ଭ ହୋଇନାହିଁ। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପାଇଁ ଆସିଥିଲେ। ଏହାକୁ ନଜରରେ ରଖି ପୁଷ୍କରିଣୀ ଚାରିପାଖ ରଙ୍ଗ ଏବଂ ଅତ୍ୟାବଶ୍ୟକ କାମ କରାଯାଇଥିଲା। କିନ୍ତୁ ଏହାର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାମ ବାକି ରହିଛି। ଓବିସିସିର ସୂଚନା ଅନୁଯାୟୀ, ଶ୍ୱେତଗଙ୍ଗାକୁ ଆପ୍ରୋଚ ରୋଡ୍ ଲାଗି ଏକ ମଠର ଜମି ଅଧିଗ୍ରହଣ ବାଧକ ସାଜିଥିଲା। ୨/୩ ମାସ ହେବ ଏହି ମଠ ଜମି ଅଧିଗ୍ରହଣ ଲାଗି ଅନୁମତି ମିଳିଛି। ନୂଆ ଟେଣ୍ଡର ଡକାଯାଇ ଏହାର କାମ ଆରମ୍ଭ କରାଯିବ।







## କଟକ ଚଣ୍ଡୀଙ୍କ ପୀଠ

# ରୂପାନ୍ତରୀକରଣରେ 'ରାଜନୈତିକ ବ୍ରେକ୍'






ଭକ୍ତିଭୂଷଣ ମହାନ୍ତି, କଟକ

ସରକାର ବଦଳିଲେ ଯୋଜନାର ରୂପରେଖ ବଦଳେ, ହେଲେ ବିକାଶର ଗତିରେ କାହିଁକି ବ୍ରେକ୍ ଲାଗେ? କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠର ଭବ୍ୟ ରୂପାନ୍ତରୀକରଣ ପ୍ରକଳ୍ପ ଏବେ ଏହି ବଡ଼ ପ୍ରଶ୍ନବାଚୀର ଶିକାର ହୋଇଛି। ପୂର୍ବତନ ବିଜେଡି ସରକାରଙ୍କ ସମୟରେ ୫-ଟି ଯୋଜନା ଅଧୀନରେ ପ୍ରାୟ ୮୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ଐତିହାସିକ ପ୍ରକଳ୍ପଟି ଏବେ ବିଜେପି ଶାସନରେ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ଶେଷ ନ ହୋଇ ଅଧାପନ୍ତରିଆ ନିର୍ମାଣର ମନ୍ଦିର ଦେଖିବାକୁ ମିଳୁଛି। ପ୍ରଶାସନିକ ଶିଥିଳତା ଏବଂ ରାଜନୈତିକ ଉଦାସୀନତାର ଏହି 'କ୍ରୁର ସଂଯୋଗ' ମଧ୍ୟରେ ବଳି ପଡ଼ିଛି କଟକବାସୀଙ୍କ ଆସ୍ଥା ଓ ଦୀର୍ଘ ଦିନର ପ୍ରତୀକ୍ଷା।

### ୮୦ କୋଟି ଟଙ୍କାର ଭବ୍ୟ ପ୍ରକଳ୍ପ

ସରକାର ବଦଳିବା ସହ କଟକର ସାଂସ୍କୃତିକ ପ୍ରାଣକେନ୍ଦ୍ର ମା' କଟକ ଚଣ୍ଡୀଙ୍କ ପୀଠର ରୂପାନ୍ତରୀକରଣ ଯୋଜନା ଏବେ କଚ୍ଛପ ଗତିରେ। ପୂର୍ବତନ ବିଜେଡି ସରକାର ଅମଳରେ ୫-ଟି ଯୋଜନା ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ୮୦ କୋଟି ଟଙ୍କାର ଭବ୍ୟ ପ୍ରକଳ୍ପ ଏବେ ବିଜେପି ଶାସନରେ ସମ୍ପୂର୍ଣ୍ଣ ସ୍ଥାଣୁ ସାଜିଛି। ଲୋକଙ୍କ ଆସ୍ଥା ଓ ଭାବବେଗ ସହ ଜଡ଼ିତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କ୍ଷମତାସୀନ ସରକାରଙ୍କ ଆନ୍ତରିକତା ନାହିଁ କିମ୍ବା ପ୍ରଶାସନର କାର୍ଯ୍ୟ କରିବାକୁ ଇଚ୍ଛାଶକ୍ତି ନାହିଁ, ତାହାକୁ ନେଇ ଏବେ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଜାନୁଆରୀରୁ ଏପ୍ରିଲ ଏବଂ ଏବେ ମାର୍ଚ୍ଚ ଆରମ୍ଭ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରୁନି। ଫଳରେ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ସେବାୟତଙ୍କ କ୍ଷୋଭ



### ସମନ୍ୱୟର ଅଭାବ

**ରାଜନୈତିକ ସମୀକ୍ଷକଙ୍କ ମତରେ, ଏହି ପ୍ରକଳ୍ପଟି ପୂର୍ବ ସରକାରଙ୍କ ମାନସ ସନ୍ତାନ ହୋଇଥିବାରୁ ବର୍ତ୍ତମାନର ବିଜେପି ସରକାର ଏହାକୁ ଆନ୍ତରିକତାର ସହ ଗ୍ରହଣ କରୁନାହାନ୍ତି। ନିର୍ମାଣକାରୀ ସଂସ୍ଥା ଓବିସିସି ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଏହି ବିଳମ୍ବର ମୁଖ୍ୟ କାରଣ ବୋଲି କୁହାଯାଉଛି। କେବଳ ଫଟୋ ଉଠାଇବା ଓ ସମୀକ୍ଷା ବୈଠକ କରିବା ଛଡ଼ା ବାସ୍ତବରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ।**

### ଫେଲ୍ ମାରିଲା ସାଂସଦ ଓ ଜିଲ୍ଲାପାଳଙ୍କ 'ଡେଡ୍ ଲାଇନ୍'

ଗତ କିଛି ମାସ ତଳେ ସ୍ଥାନୀୟ ସାଂସଦ ଓ ଜିଲ୍ଲାପାଳ ମନ୍ଦିର ପରିସର ପରିଦର୍ଶନ କରି ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଶ୍ରଦ୍ଧାଳୁଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେହି ଡେଡ୍‌ଲାଇନ୍ ଏବେ ପାଣିର ଗାର ସାବ୍ୟସ୍ତ ହୋଇଛି। ପ୍ରଶାସନ ପକ୍ଷରୁ କେବଳ ତାରିଖ ପରେ ତାରିଖ ବଦଳାଯାଉଛି, କିନ୍ତୁ କ୍ଷେତ୍ରସ୍ତରରେ ପରିସ୍ଥିତି ଶୋଚନୀୟ। ୨୦୨୬ ମାର୍ଚ୍ଚ ମାସ ଅଧା ସରିବାକୁ ବସିଥିଲେ ମଧ୍ୟ ମନ୍ଦିରର ପଥର ପ୍ୟାଭିଂ, ସେଟବ୍ୟାକ୍ ଏବଂ ପାର୍କିଂ ପ୍ଲାଜା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ମନ୍ଦିର ସମ୍ମୁଖରେ ଗଦା ହୋଇଥିବା ନିର୍ମାଣ ସାମଗ୍ରୀ ଓ ଧୂଳି ଯୋଗୁଁ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନରେ ବହୁ ବାଧା ସୃଷ୍ଟି ହେଉଛି।

ମନ୍ଦିର ରୂପାନ୍ତରୀକରଣ ନାମରେ ଦୀର୍ଘ ଦିନ ଧରି ମନ୍ଦିର ପରିସରକୁ ଖୋଲତାଡ଼ କରି ରଖାଯାଇଥିବାରୁ ସେବାୟତମାନେ ଦୈନନ୍ଦିନ ନୀତିକାନ୍ତି କରିବାରେ ବହୁ ଅସୁବିଧା ଭୋଗୁଛନ୍ତି। "ସରକାରୀ ଅବହେଳାର ସୀମା ଟପିଗଲାଣି, ଯଦି ତୁରନ୍ତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହୁଏ, ତେବେ ମା'ଙ୍କ ଦ୍ୱାରରେ ସତ୍ୟାଗ୍ରହ କରାଯିବ" ବୋଲି ସେବାୟତ ମହଲରେ ଚେତାବନୀ ଦିଆଯାଇଛି। ଯଦି ଆସନ୍ତା ମହାବିଷୁବ ସଂକ୍ରାନ୍ତି ସୁଦ୍ଧା ଏହି ପ୍ରକଳ୍ପ ଲୋକାର୍ପିତ ନ ହୁଏ ତେବେ ସରକାରଙ୍କ ବିରୋଧରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବିଭିନ୍ନ ସଂଗଠନ ପ୍ରସ୍ତୁତ ହେଉଥିବାର ସୂଚନା ମିଳିଛି। ■

# ଅନିଶ୍ଚିତତାରେ ତିଗିରିଆର 'ଗୁପ୍ତ ଶ୍ରୀକ୍ଷେତ୍ର'



ରାଜକିଶୋର ବେହେରା, ତିଗିରିଆ

**ସରକାର ବଦଳିଲେ ଭାଗ୍ୟ ବଦଳେ, ହେଲେ ଦୁର୍ଭାଗ୍ୟ ଯେ ତିଗିରିଆର 'ଗୁପ୍ତ ଶ୍ରୀକ୍ଷେତ୍ର' ପାଇଁ କେବଳ ବଦଳିଛି ପ୍ରତିଶ୍ରୁତିର ରଙ୍ଗ। ବିଗତ ସରକାରଙ୍କ ୫-ଟି ଯୋଜନାରେ ଘୋଷଣା ହୋଇଥିବା କୋଟି କୋଟି ଟଙ୍କାର ଅନୁଦାନ ଓ ନବୀକରଣର ସ୍ୱପ୍ନ ଏବେ ଅଧାପନ୍ତରିଆ ନିର୍ମାଣର କଙ୍କାଳ ଭିତରେ ବନ୍ଦୀ। ୩ ବର୍ଷ ବିତିଲା, ପ୍ରଶାସନିକ ଚିଠି ଚାଲିଲା, ହେଲେ ନା ମିଳିଲା ଖାଣ୍ଡେଲାଇଟ୍ ପଥର ନା ସରିଲା ମନ୍ଦିରର ଗୁମୁଟ କାର୍ଯ୍ୟ। ଅନୁମୋଦିତ ଅର୍ଥର ହିସାବ ମିଳୁ ନ ଥିବା ବେଳେ ପ୍ରଭୁ ପ୍ରସନ୍ନମଣୀଙ୍କ ପୀଠ ଏବେ ଅବହେଳାର ଏକ କରୁଣ ଚିତ୍ର ପାଲଟିଛି।**

ରାଜ୍ୟ ରାଜନୀତିରେ ପରିବର୍ତ୍ତନର ପବନ ବୋହିଛି, କିନ୍ତୁ କଟକ ଜିଲ୍ଲା ତିଗିରିଆ ବ୍ଲକ୍‌ର ନିଜିଗଡ଼ସ୍ଥିତ ପ୍ରସିଦ୍ଧ 'ଗୁପ୍ତ ଶ୍ରୀକ୍ଷେତ୍ର'ର ଭାଗ୍ୟ ବଦଳି ନାହିଁ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଶତ ପ୍ରତିଶତ ନୀତିକାନ୍ତି ଅନୁକରଣ କରି ଜଗନ୍ନାଥ ସଂସ୍କୃତିର ଧ୍ୱଜା ଉଡ଼ାଉଥିବା ଏହି ପବିତ୍ର ପୀଠ ଏବେ ପ୍ରଶାସନିକ ଉଦାସୀନତା ଓ ପରିବର୍ତ୍ତିତ ରାଜନୀତିର ଶିକାର ହୋଇଛି। ଗତ ବିଜେଡି ସରକାରଙ୍କ ସମୟରେ ୫-ଟି ଯୋଜନାରେ ଅନୁମୋଦିତ କୋଟି କୋଟି ଟଙ୍କାର ଅନୁଦାନ ସତ୍ତ୍ୱେ ମନ୍ଦିରର ନବୀକରଣ କାର୍ଯ୍ୟ ଆଜି ବି ଅଧାପନ୍ତରିଆ ଭାବେ ପଡ଼ିରହିଛି। ଯେଉଁଠି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ହୃଦୟରେ ପ୍ରଭୁ ଶ୍ରୀ ପ୍ରସନ୍ନମଣୀ ରହିଛନ୍ତି, ସେହି ପୀଠର ଏଭଳି ଦୁର୍ଦ୍ଦଶା ଜଗନ୍ନାଥ ପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି।

### ଅଧାଗଢ଼ା ଗୁମୁଟ ଓ ପଥର ଅଭାବ



୨୦୨୩ ଅଗଷ୍ଟ ୮ ତାରିଖରେ ତତ୍କାଳୀନ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଠଗଡ଼ ଗସ୍ତ ସମୟରେ ତିଗିରିଆର ଗୁପ୍ତ ଶ୍ରୀକ୍ଷେତ୍ର ସମେତ ୩୦ରୁ ଊର୍ଦ୍ଧ୍ୱ ପୀଠ ପାଇଁ ୧୨.୬୭ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି କ୍ରମରେ ଗୁପ୍ତ ଶ୍ରୀକ୍ଷେତ୍ରକୁ ମିଳିଥିବା ୧୫ ଲକ୍ଷ ଟଙ୍କାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ସାତ ଜଣିଆ ତଦାରଖ ଟିମ୍ ପ୍ରାୟ ୬୦ ରୁ ୭୦ ଲକ୍ଷର ବଜେଟ୍ ଆଶା କରି ମନ୍ଦିରର ସିଂହଦ୍ୱାରରେ ଖାଣ୍ଡୋଲାଇଟ୍ ପଥରରେ ଏକ ଗୁମୁଟ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। ମାତ୍ର ୩ ବର୍ଷ ବିତିଯାଇଥିଲେ ହେଁ, ଖାଣ୍ଡେଲାଇଟ୍ ପଥର ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁଁ ଗୁମୁଟ କାର୍ଯ୍ୟ ଅଧାରେ ଅଟକିଛି। ଖଣି ବିଭାଗକୁ ୧୦-୧୨ ଥର ପତ୍ର ଲେଖାଯାଇଥିଲେ ହେଁ, ବିଭାଗର ନୀରବତା ପ୍ରକଳ୍ପକୁ ଅନିଶ୍ଚିତତା ମଧ୍ୟରେ ରଖିଛି।

### ସମସ୍ୟା ଜାଲରେ ପର୍ଯ୍ୟଟନ କ୍ଷେତ୍ର

**୨୦୧୨ ମସିହାରେ ରାଜ୍ୟ ସରକାର ଏହାକୁ ୩୨୦ ନମ୍ବର ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରିଥିଲେ ସୁଦ୍ଧା ବାସ୍ତବରେ ମୌଳିକ ସୁବିଧାର ଘୋର ଅଭାବ ପରିଲକ୍ଷିତ ହେଉଛି। ୧୧୪ ଫୁଟ ଉଚ୍ଚର ମୁଖ୍ୟ ମନ୍ଦିର ଫାଟି ସେଥିରୁ ଗଛ ବାହାରିଲାଣି ଏବଂ ୧୪ ଫୁଟ ଉଚ୍ଚର ନୀଳଚକ୍ର ଏବେ ହଲୁଥିବା ଭଳି ସଙ୍ଗୀନ ସ୍ଥିତି ସୃଷ୍ଟି ହୋଇଛି। ହବିଷ୍ୟାଳୀଙ୍କ ପାଇଁ ଆଶ୍ରୟସ୍ଥଳୀ ନାହିଁ, ରଥକାଠ ରଖିବାକୁ ଘର ନାହିଁ, କିମ୍ବା ଶ୍ରଦ୍ଧାଳୁଙ୍କ ପାଇଁ ସଠିକ୍ ରୋଷଘର ବା କଲ୍ୟାଣ ମଣ୍ଡପର ବ୍ୟବସ୍ଥା ନାହିଁ। ପୀଠର ଏହି ଅସ୍ତିତ୍ୱ ରକ୍ଷା ପାଇଁ ବର୍ତ୍ତମାନର ବିଜେପି ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଓ ସ୍ୱତନ୍ତ୍ର ଅନୁଦାନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।** ■

# ବଲାଙ୍ଗିରରେ ଧିମେଇଛି ମନ୍ଦିର ପରିକ୍ରମା ପ୍ରକଳ୍ପ

ଅଭିଲାଷ ହୋତା, ବଲାଙ୍ଗିର



ବଲାଙ୍ଗିର ଜିଲ୍ଲାକୁ ପର୍ଯ୍ୟଟନ ହବ୍ କରିବା ପାଇଁ ଯଥେଷ୍ଟ ସମ୍ଭାବନା ରହିଛି । ଜିଲ୍ଲାରେ ଥିବା ପୁରୁଣା ମନ୍ଦିର ସହ ଅନେକ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ରହିଛି ଯାହାକି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ବିଜେଡି ସରକାର ସମୟରେ ଏହି ସବୁ ପର୍ଯ୍ୟଟନ ସ୍ଥଳୀଗୁଡ଼ିକକୁ ଆହୁରି ଲୋକାଦୃତ ଓ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ଦିରଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତିକରଣ କାମ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ତେବେ ସରକାର ବଦଳିବା ପରେ ଏହି ସବୁ କାମ ଠପ୍ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ସମୟସୀମା ଭିତରେ କାମ ସରିଥିବା ମନ୍ଦିରଗୁଡ଼ିକର ନବକଳେବର ହୋଇପାରିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଥିବା ପ୍ରମୁଖ ମନ୍ଦିରଗୁଡ଼ିକ ପାଇଁ ଆସିଥିବା ଟଙ୍କା ସଠିକ୍ ଭାବେ ଖର୍ଚ୍ଚ ହୋଇପାରୁନଥିବା ଅଭିଯୋଗ ହୋଇଛି । ଫଳରେ ଏହି ସବୁ ପ୍ରକଳ୍ପଗୁଡ଼ିକ ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ତାହା ସାଧିତ ହୋଇପାରିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହିକ୍ରମରେ ଜିଲ୍ଲାରେ ଥିବା ଗୋପାଳଜୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଯୋଗୀସର୍ଡାର ଯୋଗେଶ୍ୱର ବାବା ମନ୍ଦିର ଏହାର ନଗ୍ନ ଉଦାହରଣ । ପ୍ରାୟ ତିନି ବର୍ଷ ହେଲା କାମ ଚାଲିଛି, ତଥାପି ଆଜିଯାଏ ସଂପୂର୍ଣ୍ଣ ହୋଇ ନାହିଁ କି କେବେ ସଂପୂର୍ଣ୍ଣ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ ।

## ଗୋପାଳଜୀ ମନ୍ଦିର

ବଲାଙ୍ଗିର ଜିଲ୍ଲାରେ ଥିବା ଏକ ପୁରୁଣା ମନ୍ଦିର ହେଉଛି ଗୋପାଳଜୀ ମନ୍ଦିର । ଏହି ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ରହିଛି । ୧୮୯୬ ମସିହାରେ ଏହି ମନ୍ଦିର ନିର୍ମାଣ ହୋଇଥିବା ଇତିହାସରୁ ଜଣାଯାଏ । ତେବେ ବର୍ଷ ବର୍ଷ ଧରି ଏହି ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ମନ୍ଦିର ଜମି ମଧ୍ୟ ଜବରଦଖଲ ହୋଇରହିଥିଲା । ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ମନ୍ଦିରର ଉନ୍ନତିକରଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିର ଉନ୍ନୟନ ପ୍ରକଳ୍ପ ଯୋଜନାରେ ଏହାକୁ ସାମିଲ





କରି ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ମନ୍ଦିର ଚାରିପଟେ ନୂତନ କୋଠା, ଭକ୍ତମାନଙ୍କ ପାଇଁ ନିବାସ, ଶୌଚାଳୟ, ପାଖରେ ପରିକ୍ରମା ପ୍ରକଳ୍ପ ଭଳି ପାର୍କ, ଆଲୋକୀକରଣ, ମାର୍କେଟ କଂପ୍ଲେକ୍ସ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା । ଏପରିକି ମନ୍ଦିର ପୂଜକମାନଙ୍କ ପାଇଁ ଘର ତିଆରି କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏଥିପାଇଁ ରାଜ୍ୟ ସରକାର ୫ କୋଟି ୭୧ ଲକ୍ଷ ଅନୁଦାନ ମଞ୍ଜୁର କରିଥିଲେ । ତେବେ ଏହି ମନ୍ଦିର କାମ ଆରମ୍ଭ ହେବାର ପ୍ରାୟ ତିନି ବର୍ଷ ବିତିଯାଇଥିବା ବେଳେ ମାତ୍ର ୮୦ ପ୍ରତିଶତ କାମ ସଂପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି । ଏବେ ବି ଅନେକ କାମ ବାକି ରହିଥିବା ବେଳେ ଅତି ମନ୍ଥର ଗତିରେ କାମ ଚାଲିଥିବା ଅଭିଯୋଗ ହୋଇଛି ।




## ମା' ପାଟଣେଶ୍ୱରୀ ମନ୍ଦିର

ବଲାଙ୍ଗିର ଜିଲ୍ଲା ସଦର ମହକୁମାରେ ଥିବା ଅନ୍ୟତମ ପୁରୁଣା ମନ୍ଦିର ହେଉଛି ମା' ପାଟଣେଶ୍ୱରୀଙ୍କ ମନ୍ଦିର। ୧୮୭୭ ମସିହାରୁ ଏହି ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ୧୯୦୨ ମସିହାରେ ନିର୍ମାଣ କାମ ସଂପୂର୍ଣ୍ଣ ହୋଇଥିଲା। ବଲାଙ୍ଗିର - ସୋନପୁର ରାସ୍ତା ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟକୁ ଲାଗିରହିଥିବା ଏହି ମନ୍ଦିର ଅନେକ ସମସ୍ୟା ଭିତରେ ରହିଥିବା ଅଭିଯୋଗ ହୋଇଥିଲା। ବଲାଙ୍ଗିର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିର ହୋଇଥିଲେ ସୁଦ୍ଧା ଏହାର ଉନ୍ନତିକରଣ ଦିଗରେ ପୂର୍ବରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିଲା। ଏପରିକି ବର୍ଷା ସମୟରେ ମନ୍ଦିର ଭିତରକୁ ଡ୍ରେନ୍ ପାଣି ପଶୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ମନ୍ଦିର ଜାଗା ଅନ୍ୟତ୍ର ବ୍ୟବହୃତ ହୋଇସାରିଥିବା ବେଳେ ଏହାର ଉନ୍ନତିକରଣ ପାଇଁ ତତ୍କାଳୀନ ରାଜ୍ୟ ସରକାର '୫-ଟି' ଯୋଜନା ଅଧୀନରେ ମନ୍ଦିର ଉନ୍ନତିକରଣ ପାଇଁ ୧ କୋଟି ୧୨ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ। ଏହି ଅନୁଦାନରେ ମନ୍ଦିରର ଯଜ୍ଞ ମଣ୍ଡପ, ଦୀପଘର, ରୋଷେଇ ଘର, ବେଢ଼ା ନିର୍ମାଣ, ମନ୍ଦିରର ସୌନ୍ଦର୍ଯ୍ୟକରଣ, ଗୋଦାମ ଘର ନିର୍ମାଣ କରାଯିବାକୁ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ମନ୍ଦିର କାମ ମଧ୍ୟ ତିନି ବର୍ଷ ପରେ ବି ସଂପୂର୍ଣ୍ଣ ହୋଇପାରିନଥିବା ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ମନ୍ଦିର କାମ ସଂପୂର୍ଣ୍ଣ କରି ହସ୍ତାନ୍ତର କରି ନାହାନ୍ତି। ତେବେ ପ୍ରାୟ ୯୦ ପ୍ରତିଶତ କାମ ଶେଷ ଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ଯୋଗୀସର୍ଡ଼ାର ଯୋଗେଶ୍ୱର ମନ୍ଦିର

ବଲାଙ୍ଗିର ଜିଲ୍ଲାର ଶୈବପୀଠଗୁଡ଼ିକ ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ହେଉଛି ଯୋଗୀସର୍ଡାସ୍ଥିତ ବାବା ଯୋଗେଶ୍ୱର ମନ୍ଦିର। ବହୁ ପୁରୁଣା ଏହି ମନ୍ଦିର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଏହି ଅନୁଦାନରେ ମନ୍ଦିର ଚାରିପଟେ ସୌନ୍ଦର୍ଯ୍ୟକରଣ କରିବା ସହ ଶୌଚାଳୟ, ଭକ୍ତ ବିଶ୍ରାମ ଗୃହ, ରୋଷେଇ ଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମନ୍ଦିର ବାହାର ଚାରିପଟେ ଲୋକେ ଜବରଦଖଲ କରି ରଖିଥିବା ବେଳେ ବର୍ଷକ ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ବେଳେ ଉକ୍ତ ଅନୁଦାନ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହୋଇଛି। ଯୋଜନା ମୁତାବକ ନିର୍ମାଣ କାମ କରାଯାଉନଥିବା ବେଳେ ଅଧାରୁ ଅଧିକ ଅନୁଦାନ ଖର୍ଚ୍ଚ ନହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି। ତେବେ ଯେଉଁ ଲକ୍ଷ୍ୟ ନେଇ ଏହି ଅନୁଦାନ ତତ୍କାଳୀନ ସରକାର ସମୟରେ ପ୍ରଦାନ କରାଯାଇଥିଲା ତାହା ସାଧିତ ହୋଇନଥିବା ବେଳେ କାମ କେବେ ସଂପୂର୍ଣ୍ଣ ହେବ ଓ ଯୋଗୀସର୍ଡ଼ା ମନ୍ଦିର ନୂଆ ରୂପ ପାଇବ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ■




## ମା' ସମଲେଶ୍ୱରୀ ମନ୍ଦିର

ମା' ସମଲେଶ୍ୱରୀଙ୍କ ଉପରେ ବଲାଙ୍ଗିରବାସୀଙ୍କ ପ୍ରଗାଢ଼ ବିଶ୍ୱାସ ରହିଛି। ସକାଳ ହେଲେ ଏହି ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ବଲାଙ୍ଗିର ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁମାନେ ମା'ଙ୍କ ଆଶୀର୍ବାଦ ନେବା ପାଇଁ ମନ୍ଦିରକୁ ଆସିଥାନ୍ତି। ଇତିହାସ ଅନୁସାରେ ୧୯ଶହ ମସିହାରୁ ନିର୍ମିତ ହୋଇଥିବା ମା' ସମଲେଶ୍ୱରୀଙ୍କ ମନ୍ଦିରର ଅବସ୍ଥା ବିଗତ କିଛି ବର୍ଷ ହେଲା ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏପରିକି ପ୍ରାୟ ତିନି ଚାରି ବର୍ଷ ପୂର୍ବରୁ ମନ୍ଦିର ଛାତ ଭୁଶୁଡ଼ି ପଡ଼ିଥିଲା। ଦୀର୍ଘ ବର୍ଷ ହେଲା ମନ୍ଦିରର ଉନ୍ନତିକରଣ କିମ୍ବା ନୂତନ ମନ୍ଦିର ତିଆରି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଥିଲେ। ଛାତ ଭୁଶୁଡ଼ିବା ପରେ ମରାମତି କାମ ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ମନ୍ଦିରର ନବକଳେବର କରିବା ପାଇଁ ମନ୍ଦିର ପରିକ୍ରମା ଯୋଜନା ସାମିଲ କରାଯାଇଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିବା ସମଲେଶ୍ୱରୀ ମନ୍ଦିରର ଉନ୍ନତିକରଣ ପାଇଁ ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ୧୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ଏହି ଟଙ୍କାରେ ପାଚେରୀ, ଡ୍ରେନ ନିର୍ମାଣ ସହ ନୂତନ ପ୍ରବେଶ ଦ୍ୱାର, ଦୀପଘର, ରୋଷେଇ ଘର ଓ ଅନ୍ୟ ସୌନ୍ଦର୍ଯ୍ୟକରଣ କାମ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସହରର ମଧ୍ୟସ୍ଥଳରେ ଥିବା ଏହି ମନ୍ଦିରରେ ଭକ୍ତଙ୍କ ଭିଡ଼ ପ୍ରାୟ ସବୁଦିନ ଲାଗିରହୁଥିବା ବେଳେ ସେମାନଙ୍କ ସୁବିଧା ପାଇଁ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଆଜି ପର୍ଯ୍ୟନ୍ତ ଏହି କାମ ସଂପୂର୍ଣ୍ଣ ହୋଇନାହିଁ। ମନ୍ଦିରରେ ହେବାକୁ ଥିବା କାମକୁ ନେଇ ବିବାଦ ଦେଖାଦେଇଛି। ତେବେ ତାହାର ସମାଧାନ କରିବାରେ ଫେଲ୍ ମାରିଛି ପୂର୍ତ୍ତ ବିଭାଗ। ଫଳରେ କିଛି କାମ ଆରମ୍ଭ ହୋଇଛି ସତ, କିନ୍ତୁ କେବେ ସଂପୂର୍ଣ୍ଣ ହୋଇ ମନ୍ଦିର ଚେହେରା ପରିବର୍ତ୍ତନ ତାହା କହିବା ମୁସ୍କିଲ। ସରକାର ବଦଳିବା ପରେ ଏହି ପ୍ରକଳ୍ପକୁ କେହି ଧ୍ୟାନ ଦେଉନଥିବା ବେଳେ ଜାଣିଶୁଣି ଏହି ପ୍ରକଳ୍ପକୁ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି।






**୩ କୋଟି ଟଙ୍କା ବ୍ୟୟ ବରାଦ**

# ଅସଂପୂର୍ଣ୍ଣ ଯୋଗେଶ୍ୱର ମନ୍ଦିରର ରୂପାନ୍ତରଣ କାର୍ଯ୍ୟ







**ଘନଶ୍ୟାମ ଭୋଇ, ନୂଆପଡ଼ା**



ନବେ ଦଶକରେ ନୂଆପଡ଼ାର ପତୋରା ଡ୍ୟାମ ମୁଣ୍ଡରେ ନିର୍ମିତ ହୋଇଥିଲା ବାବା ଯୋଗେଶ୍ୱର ମନ୍ଦିର । ବିଶିଷ୍ଟ ଗାୟକ ଗୁଲସନ କୁମାର ଏହି ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରତିଦିନ ଓଡ଼ିଶା ତଥା ଓଡ଼ିଶାର ବାହାରୁ ଅନେକ ଭକ୍ତ ଏହି ମନ୍ଦରକୁ ଆସିଥାନ୍ତି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ନାଁରେ ଏଠାରେ ଏକ ଭବ୍ୟ ପ୍ରମୋଦ ଉଦ୍ୟାନ ମଧ୍ୟ ହଜାର ହଜାର ପର୍ଯ୍ୟଟକଙ୍କ ମନ ମୋହିଥାଏ । ଏକ ଶୈବ ପୀଠ ଭାବରେ ଏହାର ଖ୍ୟାତି ଯେତେ ବର୍ଣ୍ଣନା କଲେ ମଧ୍ୟ କମ୍ ହେବ । ଏସବୁର ଗୁରୁତ୍ୱକୁ ଉପଲବ୍ଧି କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମନ୍ଦିର ପରିପାଟୀର ବିକାଶ ପାଇଁ ୩ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ । ସେତେବେଳେ ୨୦୨୪ ମସିହା ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ହେଲେ ସରକାର ପରିବର୍ତ୍ତନ ପରେ ସବୁ କିଛି ଓଲଟପାଲଟ ହୋଇଗଲା । କାର୍ଯ୍ୟର ଫାଇଲ ତଳେ ଚାପି ହୋଇଗଲା । ଏଥିପାଇଁ ବିଭାଗୀୟ ଉଦାସୀନତା ଯୋଗୁଁ କାମ ସବୁ ଧିମେଇ ଯାଇଛି । ମନ୍ଦିର ପରିସରକୁ କିଛି ଠିକାଦାର ମାଟି ଖୋଳି ଛାଡ଼ି ଦେଲେ । ଫଳରେ ମନ୍ଦିର ପରିସର ଏକ ପ୍ରକାର ଭାଙ୍ଗିରୁଜି ଧୂଳିସାତ ହୋଇଯାଇଛି । ଏହା ଭକ୍ତମାନଙ୍କର ଭାବାବେଗକୁ ଆଘାତ ଦେଇଛି । ମନ୍ଦିର ପରିଚାଳନା କମିଟିକୁ ଯୋଗାଯୋଗ କରିବାରେ ମାତ୍ର ଦେଢ଼ କୋଟି ଟଙ୍କାରେ ଏକ ଭୋଗ ମଣ୍ଡପ ତିଆରି କାମ ଚାଲିଛି । କାମ ଆରମ୍ଭ ହେବାର ଆଜିକୁ ତିନି ବର୍ଷ ପୂରିବ । ହେଲେ ଏଥିପ୍ରତି ବିଭାଗ କି ଠିକାଦାର ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଆହୁରି ଦେଢ଼ କୋଟି ଟଙ୍କାର ହିସାବ ମିଳୁନାହିଁ । ବିଭାଗୀୟ ଯନ୍ତ୍ରୀ, ଠିକାଦାରଙ୍କୁ ମଧ୍ୟ ଯୋଗାଯୋଗ କରିଥିଲେ କୌଣସି ତଥ୍ୟ ମିଳିପାରୁନାହିଁ । ଲୋକେ କହୁଛନ୍ତି ସରକାର ବଦଳି ଗଲାପରେ ବିକାଶ ମୂଳକ କାମ ଧିମେଇ ଯାଇଛି । ଏଥିପ୍ରତି ସରକାର ଠିକ୍ ସମୟରେ ଦୃଷ୍ଟି ନଦେଲେ ସରକାରୀ ଅର୍ଥ ଠିକ୍ ଭାବେ ବିନିଯୋଗ ନ ହୋଇପଡ଼ିବ ରହିବ ବୋଲି ଚର୍ଚ୍ଚା ହେଉଛି । ■

---

**ସମଲେଇ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ**

# ସରିଲାଣି ସମୟ ଅବଧି, ସରୁନି କାମ

**ସୁକାନ୍ତ କୁମାର କର, ସମ୍ବଲପୁର**

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ । ମା'ଙ୍କ ମହିମା ସମ୍ବଲପୁରକୁ ଦେଇଛି ଏକ ଆଧ୍ୟାତ୍ମିକ ପରିବେଶ । ମା' ସମଲେଶ୍ୱରୀଙ୍କ ଗାଥା ସର୍ବଜନ ବିଦିତ । କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ବି ମା'ଙ୍କ ମନ୍ଦିର ରହିଛି । ରାଜନେତାଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ତଥା ପର୍ଯ୍ୟଟକ ସମ୍ବଲପୁର ଆସିଲେ ମା'ଙ୍କ ଦର୍ଶନ କରି କାର୍ଯ୍ୟାରମ୍ଭ କରିଥାନ୍ତି । 'ସମଲେଇ' ପ୍ରକଳ୍ପ ପରେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଛି । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି ।

ଷୋଡ଼ଶ ଶତାବ୍ଦୀରେ ନିର୍ମିତ ମା' ସମଲେଶ୍ୱରୀ ପୀଠର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ସହ ସ୍ୱତନ୍ତ୍ର ପାଣ୍ଠି ପ୍ରାବଧାନ କରାଯାଇଥିଲା । ଏହି 'ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ୍ ଇକୋନୋମି ଇନିସିଏଟିଭ୍‌ସ' (ସମଲେଇ) ଯୋଜନାରେ ମା'ଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, ଭକ୍ତମାନଙ୍କ ପାଇଁ ଯାତ୍ରୀ ନିବାସ, ଭୋଗଘର ସହ ଚାରୋଟି ସୁଦୃଶ୍ୟ ତୋରଣ, ଐତିହ୍ୟ କରିଡର୍, ନଦୀପଟକୁ ପାଦଚଲା ଓଭରବ୍ରିଜ, ମହାନଦୀ ଆଳତୀ ପ୍ଲାଟ୍‌ଫର୍ମ, ୱାଚ୍ ଟାୱାର୍, ପାର୍କିଂ, ନଦୀ ସମ୍ମୁଖ ବିକାଶ, ଫିସେରି ବନ୍ଧ ଖୋଳାଯାଇ ବୋଟିଂ ବ୍ୟବସ୍ଥା, ଉଦ୍ୟାନୀକରଣ ଆଦି ପର୍ଯ୍ୟାୟକ୍ରମେ କରାଯିବାକୁ ଯୋଜନା ହେଲା । 'ସମଲେଇ' ଯୋଜନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ରେକର୍ଡ ସମୟରେ ସମାପ୍ତ ହୋଇ ୨୦୨୪ ମସିହା ଜାନୁଆରୀ ୨୭ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିଥିଲେ । ମାତ୍ର ୪ ଏକରରୁ ୪୪ ଏକର ପରିବ୍ୟାପ୍ତ ଐତିହ୍ୟପୂର୍ଣ୍ଣ ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ଧାଡ଼ିବାନ୍ଧି ଦର୍ଶନ ବ୍ୟବସ୍ଥା, ୱାଚ୍‌ଟାୱାର, ମନ୍ଦିରପଟକୁ ପାଦଚଲା ଓଭରବ୍ରିଜ୍, ମହାନଦୀ ଆଳତୀ ବ୍ୟବସ୍ଥା, ସମଲେଶ୍ୱରୀଙ୍କ ଗାଥାକୁ ନେଇ ଆଲୋକ ଓ ଶବ୍ଦ କାର୍ଯ୍ୟକ୍ରମ ଆଦି ଭକ୍ତଙ୍କୁ ଆକୃଷ୍ଟ କରିଛି । ସ୍ଥାନୀୟ ଅର୍ଥନୀତିର ବିକାଶ ସହ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରରେ ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ଏକ ମାଇଲଖୁଣ୍ଟ ସଦୃଶ ।

'ସମଲେଇ' ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ୨୦୨୪ରୁ ଆରମ୍ଭ ହୋଇଛି । ଏହାର ଧାର୍ଯ୍ୟ ସମୟ ଅବଧି ଶେଷ ହୋଇଯାଇଥିଲେ ସୁଦ୍ଧା ଅଦ୍ୟାବଧି ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ ହୋଇଥିବା ସୂଚନା ମିଳିଛି । ପ୍ରାୟ ୮୪ କୋଟି ଟଙ୍କା ବ୍ୟୟ ଅଟକଳର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ମଧ୍ୟରେ - ପ୍ରବେଶ ପ୍ଲାଜା, ବିଶାଳ ପାର୍କିଂ ବ୍ୟବସ୍ଥା, ଭକ୍ତ ନିବାସ, ପୋଖରୀ ପୁନଃନିର୍ମାଣ ଓ ସୁଦୃଶ୍ୟକରଣ, ଉଦ୍ୟାନୀକରଣ, ଉପହାର-ଫୁଡ୍ ପାର୍କ ଦୋକାନ ନିର୍ମାଣ, ଆବର୍ଜନା ନିଷ୍କାସନ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍ ସହ ସିସିଟିଭି କ୍ୟାମେରା ବ୍ୟବସ୍ଥା ଆଦି ରହିଛି । ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ୨୦୨୪ ମସିହା ଫେବୃଆରୀରେ ଆରମ୍ଭ ହୋଇ ୨୦୨୫ ମସିହା ଅଗଷ୍ଟ ପର୍ଯ୍ୟନ୍ତ ଶେଷ କରିବାକୁ ସମୟ ଅବଧି ଧାର୍ଯ୍ୟ କରାଯାଇଥିଲା । ଭକ୍ତନିବାସ ଆଦିର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପୋଖରୀ ପୁନଃନିର୍ମାଣ କାର୍ଯ୍ୟ ସରିନାହିଁ । କେତେକ ସ୍ଥାନରେ ଜବରଦଖଲ ଅଧିଗ୍ରହଣ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ଜଣାପଡ଼ିଛି । ତେବେ, ଆସନ୍ତା ଜୁନ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି ।

'ସମଲେଇ' ଯୋଜନା ଦ୍ୱିତୀୟ ପର୍ଯ୍ୟାୟରେ ଟିକଟ୍ କାଉଣ୍ଟର, ଶୌଚାଳୟ ଓ ଦୋକାନ ସହ ପ୍ରବେଶ ପ୍ଲାଜା, ଦୁଇମହଲା ଭକ୍ତନିବାସ, ଉପହାର ଓ ଅନ୍ୟ ଦୋକାନ, ଚାରିକଡ଼ରେ ପାଦଚଲା ରାସ୍ତାସହ ପୋଖରୀ ନବୀକରଣ, ପରିମଳ ପରିଚାଳନା ବ୍ୟବସ୍ଥା ଆଦି କାର୍ଯ୍ୟ ହେଉଛି । 'ସମଲେଇ' ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସଂସ୍ଥା ଓବିସିସି ଏହି ନିର୍ମାଣ କାର୍ଯ୍ୟ ତଦାରଖ ତଥା ମନିଟରିଂ କରୁଛି । ■





# ମା’ ବୁଢ଼ୀ ଠାକୁରାଣୀ ମନ୍ଦିର

ବ୍ରହ୍ମପୁର କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଦକ୍ଷିଣ ଓଡ଼ିଶାର ସାଧାରଣ ଜନତାଙ୍କ ଭାବାବେଗ ସହିତ ଜଡ଼ିତ । ଏଠାକାର ଆଚାର ପାମ୍ପଡ଼ ଯେତେ ସୁଆଦିଆ, ବ୍ରହ୍ମପୁରୀ ପାଟ ମଧ ସେତିକି ମନୋରମ । କେବଳ ପାଟ କି ଆଚାର ପାମ୍ପଡ଼ କାହିଁକି ଏହି ମାଟିରେ ଅଧିକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି ମା’ ବୁଢ଼ୀ ଠାକୁରାଣୀ ମନ୍ଦିର । ମା’ ବୁଢ଼ୀ ଠାକୁରାଣୀ ବ୍ରହ୍ମପୁର ସହରବାସୀଙ୍କ ଆଧାତ୍ମିକ ଓ ଭାବାବେଗର ଆଧାର । ସକାଳୁ ମା’ଙ୍କୁ ମୁଣ୍ଡିଆ ମାରି ଏଠାକାର ଅଧିବାସୀଙ୍କ ଦୈନନ୍ଦିନ କାର୍ଯ୍ୟ ଆରମ୍ଭ ହୁଏ । ଦୁଇବର୍ଷକୁ ଥରେ ମା’ଙ୍କ ପାଇଁ ସାରା ସହର ଉଲ୍ଲସିତ ବି ହୋଇଯାଏ । ମା’ ବୁଢ଼ୀ ଠାକୁରାଣୀ  କେବଳ ଯେ, ଏହି ସହରର ଅଧିଷ୍ଠାତ୍ରୀ ଦେବୀ ନୁହଁନ୍ତି ଏଠାକାର ଝିଅ ମଧ । ହେଲେ ମା’ଙ୍କ ମନ୍ଦିର ନୂଆ ରୂପରେ ସଜେଇ ହେବାର ସ୍ୱପ୍ନ ଘୁଞ୍ଚି ଘୁଞ୍ଚି ଯାଉଛି । ପ୍ରାକ୍ତନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ରୂପାନ୍ତରଣ ଆଶା ଧାର୍ଯ୍ୟ ସୀମା ଭିତରୁ ବାହାରି ସମୟ ଗଡ଼ାଇ ଚାଲିଛି । ନୂଆ ସରକାରଙ୍କ କାମ କରିବାର ଲକ୍ଷ୍ୟ ସଂକୁଚିତ ହୋଇଥିବା ଏଥିରୁ ସ୍ପଷ୍ଟ ବାରି ହୋଇଛି ।

# ଅଧୁରା ରୂପାନ୍ତରଣ କାମ

 କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର







## ଅସଂପୂର୍ଣ୍ଣ ରୂପାନ୍ତରଣ

୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୫-ଟି ଉପକ୍ରମରେ ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ମନ୍ଦିର ରୂପାନ୍ତରଣ ନେଇ ନକ୍ସା ପ୍ରସ୍ତୁତ ହୋଇଥିଲା । ବ୍ରହ୍ମପୁରର ପ୍ରସିଦ୍ଧ ମା’ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ବିକାଶ ଯୋଜନା ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ଏହି କାମ କରାଯିବାକୁ ଧାର୍ଯ୍ୟ ହୋଇଥିଲା । ଏଥିପାଇଁ ୧୮ କୋଟି ୯୧ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ନିଷ୍ପତ୍ତି ହୋଇଥିଲା । ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ସେତେବେଳେ ସରକାର ଜୋର୍ ଦେଇଥିଲେ । ବର୍ତ୍ତମାନ ସରକାର ବଦଳିବା ସହିତ ସମୟ ବି ବଦଳିଗଲା । ଠାକୁରାଣୀ ଯାତ୍ରାକୁ ମଧ ବର୍ଷେ ବିତିବାକୁ ବସିଲା । କିନ୍ତୁ ତାହା ଏଯାବତ୍ ହୋଇପାରିଲା ନାହିଁ । ଚଳିତ ଏପ୍ରିଲ ମାସରେ ରୂପାନ୍ତରଣ କାମ ସାରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରବେଶ ଦ୍ୱାରର ତୋରଣରେ ପଥର କାର୍ଯ୍ୟ, ମନ୍ଦିର ଚୂଳ କାମ, କବାଟ, ଝରକା ସ୍ଥାପନ ଆଦି ଅନେକ କାର୍ଯ୍ୟ ବାକି ରହିଥିବା ଜଣାପଡ଼ିଛି । ଏହାକୁ ଆକର୍ଷଣୀୟ କରିବାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି କାର୍ଯ୍ୟ ଧିମେଇ ଯାଇଥିବା ଭକ୍ତ ମହଲରେ ଚର୍ଚ୍ଚା ହେଉଛି । ଏହି ମନ୍ଦିର କାର୍ଯ୍ୟ ସାରିବା ନେଇ ସ୍ଥାନୀୟ ବିଧାୟକ ଓ ନେତୃବୃନ୍ଦ ଜୋର୍ ଦେଉଥିଲେ ହେଁ ଏହା ସରିବାର ନାଁ ଧରୁନି । ବିଗତ ଯାତ୍ରା ସମୟରେ ଏହାର ପ୍ରମୁଖ କାର୍ଯ୍ୟାବଳୀ ଗୁଡ଼ିକ ସାରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ତଥାପି ପୂର୍ବ ଭଳି ମନ୍ଦିର କାର୍ଯ୍ୟ କଚ୍ଛପ ଗତିରେ ହୋଇଥିଲା । ଫଳରେ ଶ୍ରଦ୍ଧାଳୁମାନେ ଆବଶ୍ୟକୀୟ ସୁବିଧାରୁ ବଞ୍ଚିତ ହେଉଥିବା ଲକ୍ଷ୍ୟ କରାଯାଉଛି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଯାଉଥିବା ବେଳେ ଅଧାଗଢ଼ା କାମ ଦେଖି କ୍ଷୋଭ ପ୍ରକାଶ କରୁଛନ୍ତି ।

## ଯୋଜନା ଅନେକ, କାର୍ଯ୍ୟ ଠପ୍

ବ୍ରହ୍ମପୁରର ଆରାଧ ଦେବୀ ମା’ ବୁଢ଼ୀ ଠାକୁରାଣୀ କେବଳ ଗଞ୍ଜାମ ବା ଓଡ଼ିଶା ନୁହେଁ, ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ମଧ ପ୍ରସିଦ୍ଧ ଅଟନ୍ତି । ମା’ଙ୍କ ପୂଜା ନିମନ୍ତେ ପ୍ରତିଦିନ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରୁ ବହୁ ଭକ୍ତ ଆସିଥାନ୍ତି । ତେଣୁ ଭକ୍ତମାନଙ୍କ ସୁବିଧା ତଥା ମନ୍ଦିରର ବିକାଶ ତଥା ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଏଥିରେ ମୁଖ୍ୟ ମନ୍ଦିରର  ବିକାଶ ସହ ମନ୍ଦିର କାନ୍ଥ ତଥା ଚଟାଣରେ ପଥର ବିଛାଯାଯାଇଥିଲା । ଯଜ୍ଞ କୁଣ୍ଡ, ମନ୍ଦିର କାର୍ଯ୍ୟାଳୟର ପୁନଃନିର୍ମାଣ, ପାଚେରୀ, ଉଦ୍ୟାନ, ସୁସଜ୍ଜିତ ପ୍ରବେଶ ମାର୍ଗ ସହିତ ମନ୍ଦିରକୁ କଳିଙ୍ଗ ସ୍ଥାପତ୍ୟରେ ସୁଶୋଭିତ କରାଯିବାକୁ ଉଦ୍ୟମ କରାଯାଇଥିଲା । ସେହିପରି ଭକ୍ତ ଓ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ହସ୍ତ ପାଦ ଧୋଇବା ପାଇଁ ପାଣିର ବ୍ୟବସ୍ଥା, ପ୍ରେକ୍ଷାଳୟ ଆଦି ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହାସହିତ ବିଭିନ୍ନ  କାର୍ଯ୍ୟରେ ବ୍ୟବହାର ପାଇଁ ହଲ, ପୂଜକମାନଙ୍କ ପାଇଁ ଗୃହ, ମନ୍ଦିର ରୋଷଘର, ଭୋଗମଣ୍ଡପ ମଧ ନିର୍ମାଣ କରାଯିବାକୁ ଯୋଜନା କରାଯାଇଥିଲା । ମନ୍ଦିରକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଲୋକ ସଜ୍ଜା ମଧ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା । ଅନୁରୂପ ଭାବେ ମନ୍ଦିରକୁ ଯାଇଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ଜମିର ପ୍ରଶସ୍ତି ସହିତ  ବୃକ୍ଷରୋପଣ ପାଇଁ ପଦକ୍ଷେପକୁ ସେତେବେଳ ଜୋର୍ ଦିଆଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ସମୟକ୍ରମେ ହେଉଥିବା ବେଳେ ମନ୍ଦିର କିନ୍ତୁ ପୂର୍ଣ୍ଣାଙ୍ଗ ରୂପ ନେଇ ପାରୁନି । ରୂପାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହେଉ ନଥିବାରୁ ଭକ୍ତମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି ।





**ନୟାଗଡ଼ ଜିଲ୍ଲାରେ ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ତଥା ଶ୍ରୀନୀଳମାଧବଙ୍କ କ୍ଷେତ୍ର । ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭଳି ନୀଳମାଧବ ରୂପାନ୍ତରଣ ପ୍ରକଳ୍ପ ପାଇଁ ପୂର୍ବ ବିଜେଡ଼ି ସରକାର ଯୋଜନା ପ୍ରସ୍ତୁତ କରିଥିଲେ । ଶହେ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଉକ୍ତ ଟଙ୍କାରେ ଅଧପନ୍ତରିଆ ଭାବେ ନୀଳମାଧବ ପୀଠର ବିକାଶ ହୋଇଥିବା ବେଳେ ଏବେକାର ସରକାର ଏ ଦିଗରେ ଆଦୌ ଧ୍ୟାନ ଦେଉ ନାହାନ୍ତି । ପୂର୍ବର ସରକାର କଣ୍ଟିଲୋକୁ ଏନ୍.ଏ.ସି. ଘୋଷଣା କରିଥିଲେ । ତେବେ ବର୍ତ୍ତମାନ ରାଜ୍ୟ ସରକାର କଣ୍ଟିଲୋକୁ ଐତିହ୍ୟ ଗ୍ରାମ ଘୋଷଣା କରି କାମ ସାରି ଦେଇଛନ୍ତି ।**

# ଶ୍ରୀନୀଳମାଧବ ପୀଠ ଅଧପନ୍ତରିଆ ରୂପାନ୍ତରଣ

**ଅନିଲ କୁମାର ପଣ୍ଡା, ନୟାଗଡ଼**
**ତପନ ମହାପାତ୍ର, କଣ୍ଟିଲୋ**

## ୧୦୦ କୋଟିର ପ୍ରକଳ୍ପ ଘୋଷଣା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ପ୍ରଭୁ ନୀଳମାଧବଙ୍କ ପୀଠ ରୂପାନ୍ତରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗତବର୍ଷ ୨୦୨୨ ଏପ୍ରିଲ ୧୪ ତାରିଖରେ ଭି.କେ. ପାଣ୍ଡିଆନ୍ କଣ୍ଟିଲୋ ପରିଦର୍ଶନ କରିବା ପରେ ରାଜ୍ୟ ସରକାର ମହାପ୍ରଭୁ ଜଗନ୍ନାଥଙ୍କ ଆଦିକ୍ଷେତ୍ର ନୀଳମାଧବ କ୍ଷେତ୍ର ପାଇଁ ୧୦୦ କୋଟିର ପ୍ରକଳ୍ପ ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୩୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ରୂପାନ୍ତରଣ କାର୍ଯ୍ୟ ଜୋରଦାର୍ ଚାଲିଥିବା ବେଳେ ନିର୍ବାଚନ ପରଠାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଦେଖାଯାଇଛି । ଦାୟିତ୍ୱରେ ରହିଥିବା ଠିକାସଂସ୍ଥା ବଂସଲ ଇନ୍ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ କୌଣସି କାରଣରୁ କାର୍ଯ୍ୟ କରିବାର ଗତିକୁ କମାଇ ଦେଇଥିବା କଣ୍ଟିଲୋବାସୀ ଅଭିଯୋଗ କରିଛନ୍ତି । ଆଗକୁ ନୀଳମାଧବ ରୂପାନ୍ତରଣ ବାସ୍ତବତା ରୂପ ନେବ ନାଁ ଅଧାରେ ଅଟକି ଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମନ୍ଦିର ଚାରି ପାଖରୁ ସେବାୟତଙ୍କୁ ସ୍ଥାନାନ୍ତରଣ କରାଯାଇ ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ଯୋଜନା ରହିଥିଲା, ତାହା କେତେଦୂର କାର୍ଯ୍ୟକାରୀ ହେବ ତାହା ଉପରେ ସନ୍ଦେହ ପ୍ରକାଶ ପାଇଛି । ଏଥିପାଇଁ କେଉଁ ପରିବାର କେତେ ଅର୍ଥ ପାଇବା, କେଉଁଠାରେ ସେମାନଙ୍କ ନୂତନ ଗୃହ ନିର୍ମାଣ କରି ଯୋଗାଇ ଦିଆଯିବ ପୂର୍ବରୁ ସମସ୍ତ ଆଲୋଚନା ସରିଥିବା ବେଳେ ଏବେ ତାହା କାର୍ଯ୍ୟକାରୀ ହେବ ନା ନାହିଁ ବୋଲି ପ୍ରଶ୍ନ ଉଠିଛି । ବାଦବିବାଦ ଭିତରେ ଏହି ପ୍ରସଙ୍ଗ ରହିଥିବା ବେଳେ ସେମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା ହୋଇନାହିଁ ।







## ୩୦ କୋଟି ଟଙ୍କାର ରୂପାନ୍ତରଣ କାମ

୩୦ କୋଟି ଟଙ୍କାର ରୂପାନ୍ତରଣ କାମ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ. ନିର୍ମାଣ ଦାୟିତ୍ୱ ତାର ଏଜେନ୍ସି ବନସଲ୍ ଇନ୍ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ହସ୍ତାନ୍ତର କରି ପ୍ରଥମ ପର୍ଯ୍ୟାୟରେ ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ପୁନଃରୁଦ୍ଧାର, ଦୟଣାଚୋରି ବଗିଚା ପୁନଃରୁଦ୍ଧାର, ଗାଡ଼ି ପାର୍କିଂ ନିର୍ମାଣ, ରାସ ମଣ୍ଡପ ପୁନଃରୁଦ୍ଧାର, ହନୁମାନ ମନ୍ଦିର ଚତୁଃପାର୍ଶ୍ୱ, କାଶୀ ବିଶ୍ୱନାଥ ମନ୍ଦିର, ପଶ୍ଚିମ ଓ ଦକ୍ଷିଣଦ୍ୱାର ପାବଚ୍ଛ ନିର୍ମାଣ କାର୍ଯ୍ୟ, ଖାଣ୍ଡେଲାଇଟ୍ ପଥର ପାବଚ୍ଛରେ ପକାଯିବା କାର୍ଯ୍ୟ ଶେଷ କରିଛି । ମନ୍ଦିର ରଙ୍ଗ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା । ଯେଉଁ କାମ ହୋଇଥିଲା, ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହେବାକୁ ବସିଲାଣି । ନୀଳମାଧବ ପୀଠ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା । ଭକ୍ତମାନଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି । ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ । ମନ୍ଦିର ବେଢ଼ା ଭିତରେ ଦୀପ, ଭୋଗ, ଖେଳନା ଓ ଆଇସ୍‌କ୍ରିମ୍ ଦୋକାନ ଖୋଲା ଯାଇଛି । କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ରୂପାନ୍ତରିକରଣ କାର୍ଯ୍ୟର ଅବସ୍ଥା ଦେଖିଲେ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନାକ ଟେକୁଛନ୍ତି । ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ଅବସ୍ଥାରେ ରହିଛି । ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିବାକୁ ବସିଛି । ପାର୍କିଂଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ଚିନ୍ତାରେ ପକାଇଛି । ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି । ପାର୍କିଂରେ ଲାଇଟ୍ ବ୍ୟବସ୍ଥା ସଠିକ୍ ନଥିବା ଦେଖିବାକୁ ମିଳିଛି । ଏହା ସହିତ ପୁନଃରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଢ଼କୁଢ଼ ଆବର୍ଜନା ଦେଖିବାକୁ ମିଳିଛି । ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ି ରହିଛି । ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ ପଚାରି ମନକୁ ସନ୍ତୁଷ୍ଟ କରୁଛନ୍ତି । ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ରହିଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରା ନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ■



# ଅଧାଗଢ଼ା ପ୍ରକଳ୍ପ, ବାସ୍ତବ ରୂପ ଅପେକ୍ଷାରେ

ସନ୍ଦୀପ୍ତ ରାୟ, ଯାଜପୁର

ଉପକୂଳ ଓଡ଼ିଶାର ଅଗ୍ରଣୀ ବା ଆଗୁଆ ଜିଲ୍ଲା ଭାବେ ଯାଜପୁରର ସ୍ୱତନ୍ତ୍ର ପରିଚୟ ରହିଛି । ବିଗତ ସରକାର ସମୟରେ ଯାଜପୁର ଜିଲ୍ଲାର ସମସ୍ତ ୭ଟି ବିଧାନସଭା ଏବଂ ପୌରପାଳିକା, ବ୍ଲକ୍ ଏବଂ ଜିଲ୍ଲା ପରିଷଦକୁ ବିଜେଡି କବଜା କରିବା କାରଣରୁ ସ୍ଥାନୀୟ ନେତାଙ୍କର ସରକାରରେ ସ୍ୱତନ୍ତ୍ର ପତିଆରା ଥିଲା । ଖାସ୍ କରି ଯାଜପୁରର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ପୂର୍ବତନ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ଯାଜପୁରରେ ଅନେକ ବିକାଶ ମୂଳକ ପ୍ରକଳ୍ପ ହାତକୁ ନିଆଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲାରେ ଅନେକ ପ୍ରକଳ୍ପ ମଧ୍ୟରୁ କେତେକ କାମ ଆରମ୍ଭ ହୋଇଥିଲା । ତେବେ ଗତ ୨୦୨୪ ସାଧାରଣ ନିର୍ବାଚନରେ ସରକାର ପରିବର୍ତ୍ତନ ପରେ ସବୁ ପ୍ରକଳ୍ପ ସତେ ଯେମିତି ଠପ୍ ହୋଇଯାଇଛି । ଯାଜପୁର ସଦର ମହକୁମାର ଅନେକ ପ୍ରକଳ୍ପ ଆଜି ଅଧାଗଢ଼ା ଅବସ୍ଥାରେ ପଡି ରହିଛି । ଯାହା କେବେ ସମାପ୍ତ ହେବ ତାକୁ ନେଇ ସନ୍ଦେହରେ ଜିଲ୍ଲାବାସୀ ଅଛନ୍ତି ।


## ବିରଜା ପରିକ୍ରମା ପ୍ରକଳ୍ପ

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା । 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଭଳି ଯାଜପୁରର 'ବିରଜା ପରିକ୍ରମା ପ୍ରକଳ୍ପ' ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା । ଯେଉଁଥିରେ ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା, ସେବାୟତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାଠାରୁ ଆରମ୍ଭ କରି ବ୍ୟବସାୟ ବଣିଜ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଯୋଜନା ରହିଥିଲା । ପୂର୍ବ ସରକାର ସମୟରେ ୧୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିପାଇଁ ମନ୍ଦିର ଭିତର ଓ ବାହାର କାମ ଆରମ୍ଭ ହୋଇଥିଲା । ତେବେ ୨୦୨୪ ମସିହାରେ ସରକାର ପରିବର୍ତ୍ତନ ପରେ ରାଜ୍ୟ ବାହାରର ଠିକା ସଂସ୍ଥା କାମକୁ ସଂପୂର୍ଣ୍ଣ ବନ୍ଦ କରିଦେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ମହୋତ୍ସବ ଉଦଘାଟନ କରିବାକୁ ଆସିଥିବା ବେଳେ ବିରଜା ପରିକ୍ରମା ପ୍ରକଳ୍ପ କାମ ବନ୍ଦ ହେବ ନାହିଁ ଘୋଷଣା କରିବା ସହିତ ଏଥିପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ସେହି ଘୋଷଣା ଆଜି ବି ଘୋଷଣାରେ ରହିଯାଇଛି । କାରଣ ମନ୍ଦିରର ବାହାର ଛାଡ଼ନ୍ତୁ, ଭିତର କାମ ମଧ୍ୟ ସଂପୂର୍ଣ୍ଣ ହୋଇପାରିନି । ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମା' ବିରଜା ମନ୍ଦିରକୁ ଆସିବା ଅବସରରେ କିଛି କାମ କରାଯାଇଥିଲା । ତେବେ ଏବେ ବି ପରିକ୍ରମା ପ୍ରକଳ୍ପ କାମ ଆଗେଇ ପାରୁନି । ଏହି ପ୍ରକଳ୍ପ ଭିତରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବିରଜା ହାଟକୁ ସନ୍ଥ ମାଧବ ଅଞ୍ଚଳକୁ ଆଣି ହାଟ ବସାଯାଉଛି । ଯାହା ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ବିରଜା ପରିକ୍ରମା ପ୍ରକଳ୍ପ କରାଯାଇଥିଲା ତାହା ସାଧିତ ହୋଇପାରୁନାହିଁ । ବିରଜା ପରିକ୍ରମା ପ୍ରକଳ୍ପର ଡିପିଆର୍‌କୁ ପରିବର୍ତ୍ତନ କରି ସେଠାରେ ବିରଜା ହାଟ ବସାଇବା ଦ୍ୱାରା ସପ୍ତାହର ପ୍ରତ୍ୟେକ ରବିବାର ଓ ଗୁରୁବାର ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



## ଶିବ ପ୍ରକଳ୍ପ

ରାଜ୍ୟରେ ପର୍ଯ୍ୟଟନକୁ ମିଳିଛି ଶିଳ୍ପର ମାନ୍ୟତା । ଏଥିପାଇଁ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଆବଶ୍ୟକ ଅନୁଭବ କରି ପୂର୍ବ ବିଜେଡ଼ି ସରକାର ଅନେକ ପ୍ରକଳ୍ପ ହାତକୁ ନେଇ ଥିଲେ । ସେହି ପ୍ରକଳ୍ପ ମଧ୍ୟରୁ ଯାଜପୁରର ଶିବ ପ୍ରକଳ୍ପ ଅନ୍ୟତମ । ପୁଣ୍ୟତୋୟା ବୈତରଣୀ ନଦୀ କୂଳେ ବରାହ ମନ୍ଦିର ପାର୍ଶ୍ୱରେ ଭାରତର ସର୍ବବୃହତ୍ ଧ୍ୟାନମଗ୍ନ ଶିବ ମୂର୍ତ୍ତି ନିର୍ମାଣ କରାଯାଇଥିଲା । ୧୨୩ ଫୁଟ ଉଚ୍ଚ ବିଶିଷ୍ଟ ଏହି ଶିବ ମୂର୍ତ୍ତି ନିର୍ମାଣ ସରିଥିଲେ ହେଁ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ହୋଇପାରିନାହିଁ । ଫଳରେ ଏହି ପ୍ରକଳ୍ପକୁ ଉଦଘାଟନ କରାଯାଇପାରୁନାହିଁ । ଏହି ମୂର୍ତ୍ତିକୁ ବହୁ ଦୂରରୁ ଦେଖା ଯାଇଛି । ଏହି ଭବ୍ୟ ଶିବ ମୂର୍ତ୍ତି ଦର୍ଶନ ପାଇଁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସୁଛନ୍ତି । ଦୂରରୁ ସୁନ୍ଦର ଦେଖାଯାଉଥିବା ଏହି ପ୍ରକଳ୍ପର ଚତୁପାର୍ଶ୍ୱ ଅନାବନା ଅଞ୍ଚଳରେ ପରିଣତ ହୋଇଛି । ଏହି ପ୍ରକଳ୍ପ ଚାରିପଟେ ହେବାକୁ ଥିବା କଟେଜ୍ ଏବଂ ବରାହନାଥ ପୋଖରୀର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଏହାକୁ ଦେଖିଲେ ଏଭଳି ଏକ ଭବ୍ୟ ପ୍ରକଳ୍ପକୁ ଶେଷ କରିବା ପାଇଁ ସତେ ଯେମିତି ପ୍ରଶାସନ ବା ସରକାରଙ୍କ କୌଣସି ଆଗ୍ରହ ଥିବା ପରି ମନେ ହେଉନାହିଁ ।



## ପ୍ରଶାସନିକ ଭବନ

ଜନ ସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇବା ଲକ୍ଷ୍ୟରେ ନବୀନ ସରକାରଙ୍କ ସମୟରେ କୁସୁମା ପଡ଼ିଆରେ ଏକ ବିଶାଳ ପ୍ରଶାସନିକ ଭବନ ନିର୍ମାଣ କରାଯାଇଥିଲା । ଏଥିପାଇଁ ପାଖାପାଖି ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ୯ ତାଲା ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେହି ପ୍ରଶାସନିକ ଭବନରେ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟ କରାଯିବା ସହିତ ସାଧାରଣ ଲୋକଙ୍କୁ ଗୋଟିଏ ଜାଗାରେ ସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ତେବେ ସେହି ପ୍ରକଳ୍ପ ଏବେ ବି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ନାମକୁ ମାତ୍ର କାମ ଚାଲୁଥିଲେ ହେଁ ଏହି ପ୍ରକଳ୍ପ ସରିବାର ନାଁ ଧରୁନାହିଁ । ଏହି ପ୍ରକଳ୍ପ ଅବଧି ଶେଷ ହୋଇସାରିଥିଲେ ମଧ୍ୟ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇପଡ଼ିରହିଛି । ଯାହା ଆଗାମୀ ଦିନରେ ଭୂତକୋଠିରେ ପରିଣତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ■



# ମା' ଭଗବତୀଙ୍କ ପୀଠ

# ମନ୍ଥର ଗତିରେ ନବକଳେବର କାର୍ଯ୍ୟ

ରଞ୍ଜିତ ସାମନ୍ତରାୟ, ଖୋର୍ଦ୍ଧା
ଶିବ ଶଙ୍କର ପଣ୍ଡା, ବାଲୁଗାଁ



**ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ପୀଠ । ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଶକ୍ତିପୀଠ ଖୋର୍ଦ୍ଧା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ବେଶ ପରିଚିତ । ରାଜ୍ୟର ପୂର୍ବତନ ବିଜେଡି ସରକାର ମା' ଭଗବତୀଙ୍କ ପୀଠର ନବକଳେବର ପାଇଁ ଅଞ୍ଚଳବାସୀଙ୍କ ଦାବିକୁ ପ୍ରାଧାନ୍ୟ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ୫ଟି ସଚିବ ଭି.କେ. ପାଣ୍ଡିଆନ୍ ବାଣପୁର ଗସ୍ତରେ ଆସି ମା ଭଗବତୀଙ୍କ ମନ୍ଦିର ପରିଭ୍ରମଣ କରିଥିଲେ । ସେହି ସମୟରେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ମନ୍ଦିର ଉନ୍ନତିକରଣ ସଂପର୍କରେ ଆଲୋଚନା କରିଥିଲେ ।**



## ମନ୍ଦିରର ନବକଳେବର ପାଇଁ ମାଷ୍ଟର ପ୍ଲାନ୍

ମା' ଭଗବତୀ ମନ୍ଦିର ଜମିର ସୀମା ନିର୍ଦ୍ଧାରଣ ସହ ଜବରଦଖଲକାରୀଙ୍କୁ ଉଚ୍ଛେଦ, ମନ୍ଦିର ପଛପଟ ପ୍ରାଚୀର ସମ୍ପ୍ରସାରଣ, ବସ୍ ଷ୍ଟାଣ୍ଡ ନିର୍ମାଣ, ପାର୍କିଂ ବ୍ୟବସ୍ଥା, ଦୋଳବେଦୀ ଛକରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ, ଯାତ୍ରୀ ନିବାସ, କଲ୍ୟାଣ ମଣ୍ଡପ ନିର୍ମାଣ, ମୁଖ୍ୟ ମନ୍ଦିର ପୁନଃରୁଦ୍ଧାର ଓ ପରିକ୍ରମା ମାର୍ଗ ନିର୍ମାଣ, ରୋଷ ଘର ଉନ୍ନତିକରଣ, ପ୍ରସାଦ ସେବନ ଗୃହ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିଯୋଗୀ ବୈଠକ ଗୃହ ନିର୍ମାଣ, ଐତିହାସିକ ଦକ୍ଷେଶ୍ୱର ମନ୍ଦିରର ପୁନରୁଦ୍ଧାର ପାଇଁ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା । ତେବେ ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ପାଇଁ ଏହି ପ୍ଲାନରେ ସ୍ୱତନ୍ତ୍ର ଭାବେ ସ୍ଥାନିତ କରାଯାଇଥିଲା । ତତ୍ ସହିତ ବହୁମୁଖୀ ହଲ୍, ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇ ଥିଲା ମନ୍ଦିରର ନବକଳେବର ପ୍ରକଳ୍ପରେ ।

## ୩୩ କୋଟି ଟଙ୍କାର ବ୍ୟୟ ଅଟକଳ

ପ୍ରସ୍ତାବିତ ପ୍ରକଳ୍ପ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଉଚ୍ଚସ୍ତରୀୟ ବୈଠକରେ ୩୩ କୋଟି ଟଙ୍କାର ବ୍ୟୟ ଅଟକଳରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ମନ୍ଦିର ନବକଳେବର କାର୍ଯ୍ୟ ପାଇଁ ମାଷ୍ଟର ପ୍ଲାନକୁ ଅନୁମୋଦନ କରିଥିଲେ । ୨୦୨୩ ମସିହା ଡିସେମ୍ବର ୧ ତାରିଖରେ ମା' ଭଗବତୀଙ୍କ ପୀଠର ନବକଳେବର ନିମନ୍ତେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପରେ ପରେ ମନ୍ଦିରର ପାଚେରୀ ଭଙ୍ଗା ଯାଇ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ବିଭାଗ ପକ୍ଷରୁ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିଲା । ଆଧୁନିକ ଶୈଳୀରେ ମନ୍ଦିରର ରୂପରେଖ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ସ୍ଥିର ହୋଇଥିଲା । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ୧୮ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଥିଲା । ଫଳରେ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ରାଜ୍ୟରେ ବିଜେଡ଼ି ସରକାର ବଦଳି ବିଜେପି ସରକାର କ୍ଷମତାକୁ ଆସିବା ପରେ ଉକ୍ତ ସମୟରେ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଠପ୍ ହୋଇଯାଇଥିଲା । ଫଳରେ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଲା । ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇ ଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଛି ।



## କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଗତ ଜାନୁୟାରୀ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଗସ୍ତରେ ଆସି ମା' ଭଗବତୀଙ୍କୁ ଦର୍ଶନ କରିବା ସହିତ ମନ୍ଦିର ନବକଳେବର କାର୍ଯ୍ୟର ସମୀକ୍ଷା କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ମା'ଙ୍କ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ରୋଷଘର, ଯଜ୍ଞ ମଣ୍ଡପ, ଭଣ୍ଡାର ଘର ନିର୍ମାଣ ଆଦି କାର୍ଯ୍ୟ ପ୍ରାୟତଃ ସରି ଥିବା ଆହୁରି କାର୍ଯ୍ୟ ଅସଂପୂର୍ଣ୍ଣ ହୋଇରହିଛି । ଭିତ୍ତିପ୍ରସ୍ତର ସ୍ଥାପନ ହେବାର ବର୍ତ୍ତମାନ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇ ଥିଲେ ମଧ୍ୟ ଏଯାବତ୍ ଅଧା କାର୍ଯ୍ୟ ଶେଷ ହୋଇପାରି ନାହିଁ । ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମାପନ କରିବାକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତଥା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷେ ବର୍ତ୍ତମାନ ରାଜ୍ୟରେ ଉନ୍ନତି କରଣ ବଦଳରେ ଚାରି ଆଡେ ପୋଷ୍ଟର ଓ ରଙ୍ଗ ବଦଳା ରାଜନୀତି ଚାଲିଥିବା ବେଳେ ବାଣପୁର ମା' ଭଗବତୀଙ୍କ ପୀଠରେ ମଧ୍ୟ ଉନ୍ନତିକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କୁ ପଚାରିବାରେ ବର୍ତ୍ତମାନ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ସଠିକ୍ ଭାବେ ଚାଲିଛି ବୋଲି କହିଥିଲେ । ତେବେ ମନ୍ଦିର ନବକଳେବର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି ।





# 'ଶାନ୍ତିକାନନ'ର ବିକାଶ କାମ ଠପ୍

ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ବାଲେଶ୍ୱର

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସାଧନା ପୀଠ ହେଉଛି ଶାନ୍ତିକାନନ। ପୂର୍ବ ବିଜେଡି ସରକାରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତିରେ ଶାନ୍ତିକାନନ ପରିସରର ଗୋଟିଏ ପଟେ ମ୍ୟୁଜିୟମ ନିର୍ମାଣ, ଅନ୍ୟପଟେ କବି, ଲେଖକଙ୍କ ପାଇଁ ପ୍ରଥମ ଥର ରାଇଟର୍ସ କୋଟେଜ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ପୂର୍ବ ସରକାରରେ ୫ କୋଟି ଟଙ୍କାର ପ୍ରସ୍ତାବ ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ଚଳିତ ବର୍ଷ ଫେବୃଆରୀ ମାସରେ ଶେଷ ହୋଇଥାନ୍ତା। ହେଲେ ଆଜିଯାଏଁ ଶାନ୍ତିକାନନର ବିକାଶମୂଳକ କାମ ଆରମ୍ଭ ହୋଇପାରିଲା ନାହିଁ। ତେବେ ଏହି ପ୍ରସ୍ତାବ ତଥା ଯୋଜନା ଏବେ ବାସ୍ତବ ରୂପ ନେଇପାରିବ କି ଆଶଙ୍କାରେ। ଲାଇବ୍ରେରୀ, ମ୍ୟୁଜିୟମ ଏବଂ ରାଇଟର୍ସ କୋଟେଜ୍ ନିର୍ମାଣ ନେଇ ଜାଗା ଚିହ୍ନଟ ସହ ଟେଣ୍ଡର ବି ହୋଇଥିଲା। ଏହି ଦାୟିତ୍ୱ ପିଡବ୍ଲୁଡି-୧ କୁ ଦିଆଯାଇଥିଲା। ସରକାର ପରିବର୍ତ୍ତନ ପରେ ମଧ୍ୟ ଏହି କାମ ପାଇଁ ଚିଠି ଆସିଥିଲା। ଶାନ୍ତିକାନନର ତିନି ପଟରେ ତିନୋଟି କାମ କାର୍ଯ୍ୟ ହେବା ନେଇ ଯୋଜନା ହୋଇଥିଲା। ହେଲେ ଏଯାଏଁ ଏହାର କିଛି କାମ ଆରମ୍ଭ ହୋଇନାହିଁ।

### ୫ କୋଟି ଟଙ୍କା ମଞ୍ଜୁର

ବାଲେଶ୍ୱର ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ମଲ୍ଲିକାଶପୁରରେ ଅବସ୍ଥିତ ଶାନ୍ତିକାନନ ଫକୀରମୋହନଙ୍କ ଜୀବନରେ ବେଶ୍ ମହତ୍ତ୍ୱ ରହିଛି। ତେବେ ଲୋକଙ୍କ ଦାବି ଅନୁସାରେ ଶାନ୍ତିକାନନର ବିକାଶ ନିମନ୍ତେ ପୂର୍ବ ସରକାର ୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ତାହା ଏବେ କାର୍ଯ୍ୟକାରୀ ହୋଇପାରୁନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଶାନ୍ତିକାନନ ତଥା ଫକୀରମୋହନ ସେନାପତିଙ୍କ ସ୍ମୃତିରେ ବାଲେଶ୍ୱରବାସୀଙ୍କ ପକ୍ଷରୁ କିଛି ପ୍ରସ୍ତାବ ଓ ଦାବି ରହିଥିଲା। ସେଥିପାଇଁ ୫ କୋଟି ଟଙ୍କା ମଞ୍ଜୁର କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ମ୍ୟୁଜିୟମ, ଲାଇବ୍ରେରୀ ଓ ରାଇଟର୍ସ କୋଟେଜ୍ ନିର୍ମାଣ କେବେ?

ନବୀନ ସରକାର ସମୟରେ ମଞ୍ଜୁର ହୋଇଥିବା ୫ କୋଟି ଟଙ୍କା ବ୍ୟୟରେ ଶାନ୍ତିକାନନ ପରିସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତିରେ ମ୍ୟୁଜିୟମ ନିର୍ମାଣ ହୋଇଥାନ୍ତା। ଏଥିସହିତ ଲାଇବ୍ରେରୀ ଓ ରାଇଟର୍ସ କୋଟେଜ୍ ଶାନ୍ତିକାନନ ପରିସରରେ ନିର୍ମାଣ ହୋଇଥାନ୍ତା। ଯେଉଁଠି ଯେକେହି ଏକାନ୍ତରେ ବସି ପଢ଼ିବା ସହ ଲେଖାଲେଖି କରିପାରିବେ। ଏହି କାମ ପାଇଁ ଟେଣ୍ଡର ସହ ଏଗ୍ରିମେଣ୍ଟ ବି ହୋଇଥିଲା। ଜାଗା ନେଇ କୌଣସି ସମସ୍ୟା ନାହିଁ। କାରଣ ଯେଉଁଠି କାମ ହେବ ସେନେଇ ସେତେବେଳେ ଅର୍ଥାତ୍ ନିର୍ବାଚନ ପୂର୍ବରୁ ପିଡବ୍ଲୁଡି ବିଭାଗ କର୍ମଚାରୀ, ସଂସ୍କୃତି ବିଭାଗ ଅଧିକାରୀଙ୍କ ସହ ଅନ୍ୟ ସମ୍ପୃକ୍ତ ବିଭାଗ କର୍ମଚାରୀଙ୍କୁ ଜାଗା ଦେଖାଇଥିଲେ। ସେତେବେଳେ କାମ ପାଇଁ ଫଳକ ଲଗାଇବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଯାହାକି ନିର୍ବାଚନ ପରେ କାମ ଆରମ୍ଭ ହୋଇଥାନ୍ତା। ଯାହା ଏଯାଏଁ କିଛି କାମ ହେଲା ନାହିଁ। ବରଂ ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନ ପରେ ଏବେ ପ୍ରକଳ୍ପ କାମ ନେଇ କିଛି ସୂଚନା ମଧ୍ୟ ନାହିଁ।

# ସ୍ୱପ୍ନ ପାଲଟିଛି ବଡ଼ ପାର୍କ ନିର୍ମାଣ

**ବାଲେଶ୍ୱର ସହରରେ ଏକ ବଡ଼ ପାର୍କ ନିର୍ମାଣ ସାତ ସପନ ହୋଇଗଲାଣି। ଯୋଜନା, ବ୍ୟୟବରାଦ ଓ କାମ ଆରମ୍ଭ ପରେ ବି ଶେଷ ହୋଇପାରୁନି ପାର୍କ ନିର୍ମାଣ। କାମ ଆରମ୍ଭର ବର୍ଷେ ମଧ୍ୟରେ ଏହି ସ୍ମାର୍ଟ ପାର୍କ ସଫଳ ରୂପ ନେବ ବୋଲି ଆଶା କରାଯାଇଥିଲା। ତାହା ଆଜିଯାଏଁ ସଫଳ ହୋଇପାରିଲା ନାହିଁ। ଏ ହେଉଛି ବାଲେଶ୍ୱର ସହର ଅକ୍ତିଆରପୁରରେ ସ୍ମାର୍ଟ ପାର୍କ ନିର୍ମାଣର ଅବସ୍ଥା।**

ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ସମୟରେ ବାଲେଶ୍ୱର ସହରରେ ଏକ ବଡ଼ ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଟଙ୍କା ଆସିଥିଲା। ୨୦୨୩ ମସିହା ମାର୍ଚ୍ଚ ସୁଦ୍ଧା ଜାଗା ଚିହ୍ନଟ ହୋଇ କାମ ମଧ୍ୟ ଆରମ୍ଭ ହେଲା। ଏହି ସ୍ମାର୍ଟ ପାର୍କ ପାଇଁ ୧୧ ଏକର ଜମି ଚିହ୍ନଟ ହୋଇଥିଲା। ୨ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୧ କୋଟି ୩୫ ଲକ୍ଷ ଟଙ୍କା ଆସିଥିଲା। ଯେଉଁଥିରୁ ମାତ୍ର ୨୦ ଲକ୍ଷ ଟଙ୍କାର କାମ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସହରର ନୁଣିଆଯୋଡ଼ି ନିକଟରେ ଏହି ବଡ଼ ପାର୍କ ନିର୍ମାଣ ଏବେ ଅଧପନ୍ତରିଆ ପଡ଼ିଛି।





### ତିନି ବର୍ଷ ପରେ ବି କାମ ଅଧପନ୍ତରିଆ

ବାଲେଶ୍ୱର ସହରର ନୁଣିଆଯୋଡ଼ି ନିକଟ ଅକ୍ତିଆରପୁରରେ ଆରମ୍ଭ ହୋଇଥିଲା ସବୁଠୁ ବଡ଼ ପାର୍କ ନିର୍ମାଣ। ଯାହାର କୌଣସି ନାମକରଣ କରାଯାଇନଥିଲେ ବି ତାହାକୁ ସ୍ମାର୍ଟ ପାର୍କ ମଧ୍ୟ କୁହାଯାଉଥିଲା। ନୂଆ ଜିଲ୍ଲାପାଳ ଆସିବା ପରେ ବଡ଼ ପାର୍କ ପାଇଁ ଚୟନ କରିଥିଲେ। ସେଠାରେ ଜାଗା ଚିହ୍ନଟ ହୋଇ ପାର୍କ ପାଇଁ କାମ ମଧ୍ୟ ଆରମ୍ଭ ହେଲା। ଆରମ୍ଭର ବର୍ଷେ ଭିତରେ ପାର୍କ ନିର୍ମାଣ ଶେଷ ନେଇ ଯୋଜନା ହୋଇଥିଲା। ହେଲେ ଏଭିତରେ ତିନି ବର୍ଷରୁ ଅଧିକ ଦିନ ହୋଇଗଲାଣି। ତେବେ ପାର୍କ ନିର୍ମାଣ ହେଉଥିବା ଅଧା ଜାଗା ମ୍ୟୁନିସିପାଲିଟି ଓ ଅଧା ପଞ୍ଚାୟତର ରହିଛି। ତେବେ ଜାଗା ନେଇ ସମସ୍ୟା ଆଉ ନାହିଁ। ସେତେବେଳେ ଜାଗା ଚିହ୍ନଟ ପରେ ପାର୍କ ପାଇଁ ମାଟି ପୂରଣ କରାଯାଇଥିଲା। ଦୁଇଟି ଶୌଚାଳୟ, ଅଫିସ ବିଲଡିଂ ଏବଂ ଗେଟ୍ ପାଇଁ କିଛି ନିର୍ମାଣ କାମ ହୋଇ ଅଧପନ୍ତରିଆ ପଡ଼ିଛି। ଆଉ କିଛି କାମ ହୋଇନାହିଁ।




### ପାର୍କର ରୂପରେଖ

ଏହି ସ୍ମାର୍ଟ ପାର୍କ ବା ବଡ଼ ପାର୍କ ଭିତରେ ପାର୍କିଂ, କଲ୍ୟାଣ ମଣ୍ଡପ, ପ୍ରବେଶ ଓ ପ୍ରସ୍ଥାନ ବାଟ ଏବଂ ଟିକେଟ୍ କାଉଣ୍ଟର ରହିଥାନ୍ତା। ପୋଖରୀ ଭଳିଆ ଏକ ଫାଉଣ୍ଟେନ୍ ରହିଥାନ୍ତା, ଯେଉଁଠି ପାଣି ଫୁଆରା ହେବ। ବୋଟିଂ ଷ୍ଟେସନ୍ ତିଆରି ହେବ। ନୁଣିଆଯୋଡ଼ି ହ୍ରଦ ବି ଏଥିସହିତ ଲାଗିକି ରହିଛି। ବାଲିଘାଟ ପଟେ ପାଣି ବାହାରିବାର ଯୋଜନା ହୋଇଛି। ଏହି ଯୋଜନା ନେଇ ସେତେବେଳେ ଜିଲ୍ଲାପାଳ ମଧ୍ୟ ସହମତ ରହିଛନ୍ତି। ଯଦି ଏହି ପାର୍କ ସଫଳ ହୁଏ ତାହେଲେ ଏହା ଓଡ଼ିଶାର ଏକ ସଫଳତା ବୋଲି କୁହାଯାଇପାରେ ବୋଲି ତତ୍କାଳୀନ ଜଳସେଚନ ବିଭାଗ ଏସ୍ଇ ସୂଚନା ଦେଇଥିଲେ। ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କ୍ଷମତା ନ ଥାଇ ବି କ୍ଷମତାଶାଳୀ

ମାସଟିଏ ମଧ୍ୟରେ ଲୋକେ ଅନେକ ନିଜର ଘନିଷ୍ଠ ଆତ୍ମୀୟଙ୍କୁ ବି ପାଶୋରି ପକାଉଥିବା ଦେଖାଯାଏ; ମାତ୍ର ଗଲା କୋଡ଼ିଏ ମାସରେ ଏମିତି ଦିନଟିଏ ବି ବିତିନାହିଁ, ଯେଉଁ ସମୟରେ ରାଜ୍ୟର କୋଟିକୋଟି ଲୋକ ଶଙ୍ଖପତି ନବୀନଙ୍କୁ ଝୁରି ନାହାନ୍ତି । ମୁଖ୍ୟମନ୍ତ୍ରୀ ଥିବାବେଳେ ରାଜ୍ୟବାସୀ ତାଙ୍କୁ ଯେତିକି ମନେ ପକାଉ ନ ଥିଲେ, କ୍ଷମତାରୁ ଯିବା ପରେ ଏବେ ଲୋକେ ତାଙ୍କୁ ବେଶୀ ମନେ ପକାଉଥିବା ଦେଖାଯାଉଛି । ଏଠି ନବୀନ '୫-ଟି' ବ୍ୟବସ୍ଥା ପ୍ରଣୟନ କଲେ, ଏହି ବ୍ୟବସ୍ଥାରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମି କ୍ଷେତ୍ରର ରୂପାନ୍ତରଣ କରିବାକୁ ସକ୍ଷମ ହେଲେ । ମାତ୍ର କ୍ଷମତାକୁ ଆସୁଆସୁ ସେହି ବ୍ୟବସ୍ଥାକୁ ନୂଆ ସରକାର ଅଳିଆ ଗଦାକୁ ଫିଙ୍ଗିଦେଲେ । ଅନ୍ୟପକ୍ଷରେ ନବୀନଙ୍କ ପ୍ରବର୍ତ୍ତିତ ସେହି '୫-ଟି' ଏବେ ଉତ୍ତରପ୍ରଦେଶକୁ ଏକ ମଡ଼େଲ ରାଜ୍ୟରେ ପରିଣତ କରିଛି ବୋଲି ଖୋଦ୍ ସେଠିକାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି । ନବୀନଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିଥିଲା ବୋଲି ଖୋଦ ବଡ଼ ଇଞ୍ଜିନର ବିକାଶ ମସ୍ତିଷ୍କ 'ନିତି ଆୟୋଗ' ସ୍ୱୀକାର କରିଛି । ତାଙ୍କର ଧାଡ଼ିକିଆ ଚିଠିଟିଏ ଜାତୀୟ ରାଜନୀତିରେ ଘୂର୍ଣ୍ଣି ସୃଷ୍ଟି କରିବାକୁ ସମର୍ଥ ବୋଲି ଜାତୀୟ ଗଣମାଧ୍ୟମ ବର୍ଣ୍ଣନା କରୁଛି । ସବୁଠୁ କୌତୂହଳର କଥା ହେଉଛି ନବୀନଙ୍କର ଦୁଇ ତିନିଟି ଇଂରାଜୀ ଶବ୍ଦକୁ ନେଇ ପ୍ରକାଶ କରୁଥିବା ପ୍ରତିକ୍ରିୟା ଅର୍ଥ ବୁଝିବାକୁ ଡ଼ିକ୍ସନାରୀ ଖୋଜୁଛନ୍ତି ତାଙ୍କ ସରକାରଙ୍କ କାର୍ଯ୍ୟ ଓ କାର୍ଯ୍ୟକ୍ରମକୁ ନେଇ ଏଠି ପ୍ରଶ୍ନ ଉଠାଉଥିବା ଲୋକ । ସେଇଥିପାଇଁ ନବୀନ ଅନ୍ୟମାନଙ୍କଠାରୁ ଭିନ୍ନ । କ୍ଷମତାରେ ନ ଥିଲେ ବି କ୍ଷମତାଶାଳୀ । ■



## ଏପଟେ ଦେଲେ; ସେପଟେ ନେଲେ

ମ୍ୟାଡ଼ାମ ଉପମୁଖ୍ୟମନ୍ତ୍ରୀ ଓରଫ୍ ନିମାପଡ଼ା ପ୍ରଭାତୀ ଅପାଙ୍କର ସମୟ ଆଜିକାଲି କୁଆଡ଼େ ଠିକ୍ ଚାଲିନାହିଁ । ସେପଟେ ନିଜ ଇଲାକାରେ ଜିଲ୍ଲା ସଭାପତିଙ୍କ କାନ୍ଧରେ ବନ୍ଧୁକ ରଖି ଭାଇନାଙ୍କୁ ନିଶାଣ କଲା ବେଳକୁ ଏପଟେ ମୁକୁଳା ବାଡ଼ ବାଟେ ପଶି ଛେଳି ଫସଲ ଚରିଗଲାଣି । ରାଜ୍ୟରେ ଛେଳି ପାଳି ରାଜ୍ୟର ସୁଭଦ୍ରାମାନେ କେଇଟା ମାସରେ ଲକ୍ଷପତି ହୋଇଥିବା ମ୍ୟାଡ଼ାମ କହୁଥିବାବେଳେ ହାତ ମୁଖିଆ ଭକ୍ତବାବୁ ଓଡ଼ିଶା ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ଛେଳି ଚରାଳି ତଅପୋଇ କରି ଦେଲେଣି ବୋଲି ଆକ୍ଷେପ କରୁଛନ୍ତି । ଗଲା ଆଠ ତାରିଖ ଦିନ ମହିଳା ଦିବସରେ ମ୍ୟାଡ଼ାମଙ୍କ ବିଭାଗ କୋଟିଏ ମହିଳାଙ୍କୁ ୫ ହଜାର କୋଟି ଟଙ୍କା ଗଣିଦେଲା; ଠନ୍‌ଠନ୍ କରି ଏହି ଟଙ୍କା କୁଆଡ଼େ ସୁଭଦ୍ରାମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଗଲା ବୋଲି କୁହାଗଲା । ମାତ୍ର ଦିନଟିଏ ଯାଇନାହିଁ, ମହିଳାଙ୍କ ହାଣ୍ଡିଶାଳରେ ଗ୍ୟାସ ଚଡ଼କରେ ପାଞ୍ଚ ହଜାର କୁଆଡ଼େ ଚାଲିଗଲା, ସୁଭଦ୍ରାମାନେ ଜାଣି ପାରିଲେ ନାହିଁ । ଛୁଆପିଲା ଓ ପରିବାର ଲୋକଙ୍କ ମୁହଁରେ ଅଧାର ଦେବାକୁ ନଅଶହ ଟଙ୍କାର ସିଲିଣ୍ଡର ଗୋଟାକୁ ସୁଭଦ୍ରାମାନେ କଳାବଜାରରେ ଅଢ଼େଇ ହଜାର ଟଙ୍କା ଦେଇ କିଣିଲେ । ମିଳିଥିବା ଟଙ୍କା ବାଟେ ବାଟେ ପଳାଇଲା । ଦି' ଥରରେ ୫୦ ହଜାର ଟଙ୍କା ଦେବାକୁ କହି ଏବେ ଥରକୁ ୫ ହଜାର ଟଙ୍କା ହିସାବରେ ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି; ତା ସାଙ୍ଗକୁ ବଜାର ଦର, ଗ୍ୟାସ କଳା ବଜାର, ମୋବାଇଲ ଖର୍ଚ୍ଚ ଗଲା ପରେ ବଳକା ରହିଲା ଶୂନ । ରୋଷ ଘରେ ସୁଭଦ୍ରା ଏବେ କାନ୍ଦୁଛି, ସରକାର ଏପଟେ ପାଞ୍ଚ ହଜାର ଦେଇ ସେପଟେ ନେଇଗଲେ ବୋଲି ବାହୁନୁଛି । ■



## ଜେଲ ଭିତରେ ଗାତୁଆ ମୂଷା

ଏକାବନ ବର୍ଷ ତଳେ ରିଲିଜ ହୋଇଥିଲା ଶୋଲେ । ଶୋଲେ ଦେଖିଥିବା କୌଣସି ବ୍ୟକ୍ତି ଆଜି ପର୍ଯ୍ୟନ୍ତ ଆସରନୀଙ୍କ ସେହି ଜେଲର ଭୂମିକା ଓ 'ଜେଲ୍ ମେଁ ସୁରଙ୍ଗ୍...' ଡାଇଲଗ୍‌କୁ ଭୂଲି ପାରି ନ ଥିବ । ଆଜିକାଲି ଆମ ଜେଲ ମୁଖିଆ ନାଥବାବୁଙ୍କୁ ତାଙ୍କ ବିଭାଗର କିଛି ଅଫିସର କୁଆଡ଼େ ଶୋଲେର ଜେଲର ପରି କରି ଦେଇଛନ୍ତି । ବାବୁ ପିତଳ ଗୋବ ଲଗା ଖଇରିଆ ଚିକ୍କଣ ବାଡ଼ି ଧରି ଦୁଆରେ ବସିଛନ୍ତି, ହେଲେ ଜେଲ ବିଭାଗର କିଛି ବଡ଼ବଡ଼ ଗାତୁଆ ମୂଷା ଯ୍ୟା ଭିତରେ ବଜ୍ରକାପ୍ତା ପାଲଟିଗଲେଣି । ଗଲା କେଇମାସ ଭିତରେ ଜେଲ ବିଭାଗରେ ଘଟିଥିବା ଘଟଣା ସବୁ ନାଥବାବୁଙ୍କ ସବୁ ପୁରୁଣା ପ୍ରସିଦ୍ଧିକୁ ମାଟିରେ ମିଶାଇ ଦେଇଛି । ନିଜ ଇଞ୍ଜିନିଅରିଂ ପାଠକୁ ଲଗାଇ ନାଥବାବୁ ଏହାର ସମାଧାନ ପାଇଁ କରିଥିବା ପ୍ରୟାସ ବି ଫେଲ ମାରିଛି । ଚୌଦ୍ୱାର ପରି ବଡ଼ ଜେଲରେ ଦୁଇ କଏଦୀ ଆରି ପାତରେ ଲୁହା ଗ୍ରୀଲ କାଟି, କମ୍ବଳ ଓ ପୁରୁଣା କପଡ଼ା ବାନ୍ଧି ଉଚ୍ଚା ପାଚେରୀ ଡ଼େଇଁ ପାର୍ ହୋଇଗଲେ । କୁହାଗଲା ଯେ ଜେଲ୍‌ର ସିସିଟିଭି କାମ କରୁ ନ ଥିଲା । ଚୌଦ୍ୱାର ପରି ଜେଲରେ ଯଦି ସିସିଟିଭି ଅଚଳ ହୋଇଗଲା, ଅନ୍ୟ ଜେଲ ଅବସ୍ଥା ସତରେ କିପରି ଥିବ ? ଜେଲରୁ କଏଦୀ ଫେରାର ଘଟଣାରେ ତଦନ୍ତ ରିପୋର୍ଟରେ ପ୍ରକାଶିତ ତଥ୍ୟ ତ ଆହୁରି ସଙ୍ଗୀନ । କେହି କେହି କହୁଛନ୍ତି ନାଥବାବୁଙ୍କ ସମୟ ଠିକ୍ ଚାଲିନାହିଁ । ଓପିଆର୍‌ବି ମୁଖିଆ ଭାବରେ ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଲେ, ମାତ୍ର ସେଠି ବି ଗାତୁଆ ମୂଷା ସବୁ ଖୋଳ କରିଦେଲେ । ଶୁଣିବା କଥା ହେଲା, ଏବେ କିଛି ଗାତୁଆ ମୂଷା ବାବୁଙ୍କ ପୋଷାକପତ୍ର କାଟିବା ଯୋଜନାରେ ଅଛନ୍ତି । ନାଥବାବୁ ସାବଧାନ ଥାଆନ୍ତୁ.... । ■



## ନିୟନ୍ତ୍ରଣ ହରାଇଛନ୍ତି କି ସୂରଜ

ମୋହନ ସରକାରରେ ବାବୁ ସୂରଜ ସୂର୍ଯ୍ୟବଂଶୀ ଦୁଇଟି ପ୍ରଭାବଶାଳୀ ବିଭାଗର ମୁଖିଆ; ଗୋଟିଏ ଉଚ୍ଚଶିକ୍ଷା ଓ ଆଉ ଗୋଟିଏ କ୍ରୀଡ଼ା । ଦୁଇଟି ଯାକ ବିଭାଗ ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଜଡ଼ିତ । ମାତ୍ର ନିଜ ଅଧୀନସ୍ଥ ଦୁଇ ବିଭାଗ ଉପରେ କୁଆଡ଼େ ସୂର୍ଯ୍ୟବଂଶୀବାବୁଙ୍କର ନିୟନ୍ତ୍ରଣ ନାହିଁ ବୋଲି ତାଙ୍କରି ଦଳର ନେତାମାନେ କହୁଛନ୍ତି । ଉଚ୍ଚଶିକ୍ଷା ବିଭାଗରେ କେତେବେଳେ କେତେଲୋକ ନିଯୁକ୍ତି ପାଉଛନ୍ତି, ସେ ବିଷୟରେ ସୂର୍ଯ୍ୟବଂଶୀବାବୁ ଜାଣି ପାରୁ ନାହାନ୍ତି । ରାଜଧାନୀର ଗୋଟାଏ ପ୍ରସିଦ୍ଧ କଲେଜରେ ଜଣେ ଓଡ଼ିଆ ଅଧ୍ୟାପକ ଛାତ୍ରୀମାନଙ୍କୁ ଅଶ୍ଳୀଳ କଥା କହିବା ସଂକ୍ରାନ୍ତରେ ଅଭିଯୋଗ ପରେ ବିଭାଗ ତଦନ୍ତ ନିର୍ଦ୍ଦେଶ ଦେଲା । ତଦନ୍ତ ସମୟରେ ଛାତ୍ରୀମାନେ ଅଧ୍ୟାପକ ଜଣକ ସେମାନଙ୍କ ପ୍ରତି କି ପ୍ରକାର ଶବ୍ଦ ପ୍ରୟୋଗ କରୁଥିଲେ ସେ ସମ୍ପର୍କରେ ଲିଖିତ ଭାବରେ ଅଭିଯୋଗ କରିବା ପରେ ବି କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ, ଓଲଟି ସମ୍ପୃକ୍ତ ଅଧ୍ୟାପକଙ୍କୁ ସୁରକ୍ଷା ଚାଦର ଘୋଡ଼ାଇ ପ୍ରଶାସନିକ ଦାୟିତ୍ୱ ଦିଆଗଲା । ସେ ସମ୍ପର୍କରେ ସୂର୍ଯ୍ୟବଂଶୀବାବୁଙ୍କ ପାଖରେ ଖବର ନାହିଁ । ପ୍ରତି ପଞ୍ଚାୟତରେ ଶହେ ଲେଖାଏଁ ଟୋକାଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ନିର୍ବାଚନ ସମୟରେ ଘୋଷଣା ବି ପାଣିର ଗାର ହୋଇଗଲା । ସେଥିପାଇଁ ପଦ୍ମ ଦଳର କିଛି ଯୁବକର୍ମୀ ୟାଙ୍କ ଦ୍ୱାରା କିଛି ହେବ ନାହିଁ ବୋଲି କହିବା ଆରମ୍ଭ କରିଛନ୍ତି ସିନା ଆମେ ଏପରି କଥାକୁ ବିଶ୍ୱାସ କରିପାରୁ ନାହୁଁ । ମହାବଳୀ ହନୁମାନ ବି ଲଙ୍କା ଡ଼େଇଁ ପାରିବେ କି ନାହିଁ ବୋଲି ଆଶଙ୍କା କରୁଥିଲେ, ମାତ୍ର ଜାମ୍ବବାନଙ୍କ ପ୍ରେରଣାରେ ସେ ଲଙ୍କାକୁ ଡ଼େଇଁବାକୁ ସକ୍ଷମ ହୋଇଥିଲେ । ସୂରଜ ସବୁ କରିପାରନ୍ତେ, ହେଲେ ତାଙ୍କୁ ପରାମର୍ଶ ଦେବାକୁ ଜାମ୍ବବାନ କାହାନ୍ତି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।